## ସଂକ୍ଷେପରେ

### ଦଶାହ କର୍ମ ସମୟରେ ପୋଖରୀରେ ବୁଡ଼ି ବ୍ରାହ୍ମଣଙ୍କ ମୃତ୍ୟୁ

କେନ୍ଦୁଝର,୭।୩(ଦୀପକ ମିଶ୍ର)

କେନ୍ଦୁଝର ସହରର ରାଜ ଉଆସ ନିକଟସ୍ଥ ମାଟିଆବନ୍ଧ ପୋଖରୀରେ ତୁଠ କାମ ପରେ କ୍ରିୟା ସମ୍ପାଦନ କରୁଥିବା ବ୍ରାହ୍ମଣଙ୍କ ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ମୃତକ ହେଲେ ପୁରୁଣାବଜାରର ନରସିଂହପୁର ଶାସନର ସୁଶାନ୍ତ କୁମାର ପତି(୫୫)। ସେ ପୁରୁଣା ବଜାରର ଖଡ଼ିକିଦ୍ୱାର ସାହିର ଜଣେ ବ୍ୟକ୍ତିଙ୍କର ଦଶାହ କ୍ରିୟା କରିବାକୁ ଯାଇଥିଲେ। ପରିବାର ଲୋକେ କାର୍ଯ୍ୟସାରି ଚାଲି ଯାଇ ଥିବାବେଳେ ବ୍ରାହ୍ମଣ ପୋଖରୀରୁ ବସି ରହିଥିଲେ। ଅପରାହ୍ନ ୩ଟାରେ ସେ ପୋଖରୀରେ ଭାସୁଥିବାର ଲୋକମାନେ ଦେଖିବାକୁ ପାଇଥିଲେ। ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ତାଙ୍କର ଶବ ବ୍ୟବଚ୍ଛେଦ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

### ୨ ପୋକଲିନରୁ ୪ ଲକ୍ଷ ଜରିମାନା ଆଦାୟ

ପାଟଣା,୭।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ତହସିଲ ଅନ୍ତର୍ଗତ ବୈତରଣୀ ନଦୀର ଅଙ୍କୁରା ବାଲି ଘାଟରୁ ଗ୍ରାମ୍ୟ ଜଙ୍ଗଲ ଓ ହାତୀ ଚଲାପଥ ଦେଇ ବାଲି ଚାଲାଣ ହେଉଥିବ ଅଭିଯୋଗ ହେଉଥିଲା। ଏ ନେଇ ଗତ ଫେବୃୟାରୀ ୧୩ରେ ବନ ବିଭାଗ ଚଢ଼ାଉ ପରେ ବାଲି ବୋଝେଇରେ ନିୟୋଜିତ ୨ ପୋକଲିନକୁ ଜବତ କରିଥିଲା। ଶୁକ୍ରବାର ୨ ଗାଡ଼ିର ମାଲିକ ଏମ୍ଡି ଅର୍ବାଜ ଅଲି ଓ ସୌମ୍ୟଜିତ ମହାନ୍ତିଙ୍କଠାରୁ ବନ ବିଭାଗ ଯଥାକ୍ରମେ ୨ ଲକ୍ଷ ୧୧ ହଜାର ୬ ଶହ ୫ ଟଙ୍କା ଓ ୨ ଲକ୍ଷ ୧୨ ହଜାର ୫୬୧ ଟଙ୍କା ଡିମାଣ୍ଡ ଡ୍ରାଫ୍ଟ ଜରିମାନା ଆକାରରେ ଡିଏଫଓ ଆଦାୟ କରିଛନ୍ତି। ଏଥିସହ ଯଥାକ୍ରମେ ୧୧୧(ପି) ଓ ୧୧୨(ପି)ରେ ମାମଲା ରୁଜୁ କରି ୨ ଗାଡ଼ିକୁ ଶୁକ୍ରବାର ରେଞ୍ଜର ବନ ବିହାରୀ ସର୍ଦ୍ଦାରଙ୍କୁ ଛାଡି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

### କାର୍‌କୁ ଧକ୍କାଦେଲା ବାଇକ, ଜଣେ ଗୁରୁତର

ଛେନାପଦି,୭।୩(ନିରାକାର ପରିଡ଼ା)

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଧୀନସ୍ଥ ୫୩ ନଂ. ରାଜ୍ୟ ରାଜପଥ ଛେନାପଦି ଛକ ଏସ୍‌ବିଆଇ ବ୍ୟାଙ୍କ ସାମ୍ନାରେ ଅପରାହ୍ନ ୫ଟାରେ ଏକ ଦୁର୍ଘଟଣା ଘଟିଛି। ଏକ କାରକୁ ବାଇକ୍ ଧକ୍କା ଦେଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ବ୍ୟାଙ୍କ ସମ୍ମୁଖରେ ଛିଡ଼ା ହୋଇଥିବା ଇନୋଭା କାର (ଓଡି ୦୨ ସିଏକ୍ସ ୦୩୭୩)କୁ ଛେନାପଦିରୁ ଭଦ୍ରକ ଅଭିମୁଖେ ଯାଉଥିବା ପଲସର(ଓଡି ୩୪ ଟି ୫୦୩୧) ଧକ୍କାଦେଇଥିଲା। ଦୁର୍ଘଟଣାରେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ବାଇକ ଆରୋହୀ ଷଡ଼ଙ୍ଗ ପଞ୍ଚାୟତ ସରମଙ୍ଗା ଗ୍ରାମର ସୌଭାଗ୍ୟ ଦେହୁରୀ (୩୫)ଙ୍କୁ ସ୍ଥାନୀୟ ଲୋକେ ହାଟଡ଼ିହୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

### ମେଧାବୃତ୍ତିରେ ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ପାଟଣା,୭।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର କବ୍ୟେଶ ବେହେରା ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ବ୍ଲକ୍‌ରେ ୧ମ, ଝରଣା ମହାନ୍ତ ୩ୟ, ଅର୍ଚ୍ଚିତା ମହାନ୍ତ ୫ମ ସ୍ଥାନ ଅଧିକାର କରିଥିବାରୁ ବିଦ୍ୟାଳୟ ପରିସରରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥିଭାବରେ ଟାଟା ଷ୍ଟିଲର ଅବସରପ୍ରାପ୍ତ କେମିଷ୍ଟ ନିର୍ମଳ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ପ୍ରଦୀପ ସାହୁ, ସାମାଜିକକର୍ମୀ ସତ୍ୟବାଦୀ ସାହୁ, ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ, ବିଦ୍ୟାଳୟର ପରୀକ୍ଷା ପ୍ରମୁଖ ସୁଢଳ ଗିରି, ଆଚାର୍ଯ୍ୟା ଦେବକୀ ମହାନ୍ତ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ସେହିଭଳି ଚେମେଣା ପଞ୍ଚାୟତ ଶୁଣ୍ଠିପଶି ନୂତନ ପ୍ରାଥମିକ ବିଦ୍ୟାଳୟର ଛାତ୍ର ସ୍ୱସ୍ତିକ ମହାନ୍ତ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ବ୍ଲକ୍‌ରେ ୫ମ ସ୍ଥାନ ଅଧିକାର କରିଥିବାରୁ ଗୁରୁବାର ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥିଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ବିଜୟ କୁମାର ଓଝା, ସମ୍ମାନିତ ଅତିଥିଭାବରେ ସ୍କୁଲ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ମହାନ୍ତ ଯୋଗଦେଇଥିଲେ।

# ରାସ୍ତା ଆଳରେ ନାଳ ପୋତିଦେଲେ

କେନ୍ଦୁଝର,୭।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ତହସିଲ ଧୃପଦା ନିକଟ ମୋଚିଗାଁରେ ରାସ୍ତା ନିର୍ମାଣ ପାଇଁ ବର୍ଜ୍ୟବସ୍ତୁ ପକାଇ ନାଳ ପୋତିଦେଲେ। ରାସ୍ତା ନିର୍ମାଣରେ କାରଖାନାର କଳାଗୁଣ୍ଡ ତଥା ଅନ୍ୟ ମାଟି ପକାଯାଉଥିବାରୁ ସହରର ଜଳ ନିଷ୍କାସନ ରାସ୍ତା ସଂକୁଚିତ ହୋଇଯାଇଛି। ବର୍ଷା ଦିନରେ ପାଣି ନିଷ୍କାସିତ ହୋଇ ପାରିବ ନାହିଁ ଏବଂ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେବ ବୋଲି ମତପ୍ରକାଶ ପାଉଛି। ସେହିପରି କାରଖାନାର ବର୍ଜ୍ୟବସ୍ତୁ ପକାଇ ରାସ୍ତା ନିର୍ମାଣ କରାଯାଇଥିବାରୁ ଅଞ୍ଚଳରେ ଜଳ, ମୃତ୍ତିକା ଓ ବାୟୁ ପ୍ରଦୂଷଣ ହେବା ସହ ଆଖପାଖ ଚାଷଜମି କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି।

ପ୍ରକାଶ ଯେ, ଜାତୀୟ ରାଜପଥ ୪୯ ଏବଂ ପୂର୍ତ୍ତ ବିଭାଗର ନାକ ତଳେ ରାସ୍ତାକଡ଼ ସରକାରୀ ଜମି ଜବରଦଖଲ କରି ରାସ୍ତା ନିର୍ମାଣ ଚାଲିଛି। ପୂର୍ବରୁ ବାରମ୍ବାର ଅଭିଯୋଗ ପରେ ତହସିଲ ପକ୍ଷରୁ

## ପ୍ରଦୂଷଣ ବଢ଼ୁଛି, ବର୍ଷା ଦିନେ ସମସ୍ୟା ଉପୁଜିବ



ପୋତାଯାଇଥିବା ନାଳ।

ତଦନ୍ତ କରି ରାସ୍ତା ବନ୍ଦ କରିଥିଲେ। ଏବେ ପୁଣି ବେଆଇନ ଜମି ବ୍ୟବସାୟୀ ନାଳ ଉପରେ କଳାଗୁଣ୍ଡ ପକାଇ ରାସ୍ତା ନିର୍ମାଣ କରୁଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହା ରାଜପଥ ପାର୍ଶ୍ୱରେ ଓଡ଼ିଶା ବନ ଉନ୍ନୟନ ନିଗମ ତରଫରୁ କରାଯାଇଥିବା ବନୀକରଣ ନିକଟତର ହୋଇଥିବାରୁ ବନୀକରଣ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ନାଳ ପୋତି ହୋଇ ଯାଇଥିବାରୁ ବର୍ଷା ଦିନରେ ସହରର ପାଣି ନିଷ୍କାସନରେ ସମସ୍ୟା ହେବ। ରାଜପଥ ପାର୍ଶ୍ୱ ନୟନଯୋରିକୁ ପୋତି ରାସ୍ତା ନିର୍ମାଣ ହେଉଥିବାରୁ ଜଳ ପ୍ରବାହ ବନ୍ଦ ହେବା ସହ ମୃତ୍ତିକା ପ୍ରଦୂଷିତ ହୋଇଛି। ସଦର ତହସିଲଦାର ଶୁଭେନ୍ଦୁ କୁମାର ସାହୁ କହିଛନ୍ତି, ଘଟଣାର ଯାଞ୍ଚ କରି ପଦକ୍ଷେପ ନିଆଯିବ। ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ. ସମ୍ବିତ ମହାନ୍ତି କହିଛନ୍ତି, ରାସ୍ତା ପାର୍ଶ୍ୱ ନାଳକୁ ଅବରୋଧ କରି ବେଆଇନ ଭାବେ ରାସ୍ତା ହେଉଥିବା ନେଇ ଅଭିଯୋଗ ହୋଇଛି। ତୁରନ୍ତ ଉକ୍ତ ସ୍ଥାନକୁ ଉଚ୍ଛେଦ କରିବା ପାଇଁ ତହସିଲଦାରଙ୍କୁ ଚିଠି କରାଯାଇଛି।

ସେହିପରି ଧୃପଦା ଓଭରବ୍ରିଜ ତଳେ ଏନ୍ଏଚ୍ଏଆଇ ଜମି ଅବରୋଧ ହୋଇଥିଲେ ପଦକ୍ଷେପ ନିଆଯିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଓଏଫ୍‌ଡିସି ଡିଭିଜନାଲ ମ୍ୟାନେଜର ଜେପିସିଂହଙ୍କ ସହ ଯୋଗାଯୋଗ କରିବାରୁ ବିଭାଗ ପକ୍ଷରୁ କରାଯାଇଥିବା ବନୀକରଣ ନଷ୍ଟ ହୋଇ ରାସ୍ତା ନିର୍ମାଣ ହେଉଥିଲେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ରେକର୍ଡ ପତ୍ର ଏମ୍ଆଇସିଙ୍କୁ ହସ୍ତାନ୍ତର ନିର୍ଦ୍ଦେଶ

### ମରୈଗାଁ ସମବାୟ ସମିତି

ହାଟଡ଼ିହୀ,୭।୩(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ମରୈଗାଁ ସମବାୟ ସମିତି ସମ୍ପାଦକଙ୍କୁ ରେକର୍ଡ ପତ୍ର ଏମ୍ଆଇସି (ମ୍ୟାନେଜମେଣ୍ଟ ଇନ୍ ଚାର୍ଜ)ଙ୍କୁ ହସ୍ତାନ୍ତର ନିର୍ଦ୍ଦେଶ ହୋଇଛି। ସମିତିର ସମ୍ପାଦକ ଶରତ ସେଠୀ ଏମ୍ଆଇସିଙ୍କୁ ସହଯୋଗ କରୁ ନ ଥିଲେ। ଏ ନେଇ ଆନନ୍ଦପୁର ଏଆର୍‌ସିଏସ ବିକାଶ ନାୟକ ସମିତିର ସମ୍ପାଦକ ସେଠୀଙ୍କୁ ଏ ବାବଦରେ ସତର୍କ କରାଇଛନ୍ତି। ଏଥି ସହ ରେକର୍ଡ ପତ୍ର ଏମ୍ଆଇସିଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ କରି ଗତ ବୁଧବାର ଚିଠି କରିଛନ୍ତି।

ସୂଚନାଯୋଗ୍ୟ, ସମିତିର ଲକ୍ଷାଧିକ ଟଙ୍କା ହେରଫେର ନେଇ ସମିତି ସମ୍ପାଦକ ଛନ୍ଦି ହୋଇଥିବା ବେଳେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି। କେନ୍ଦୁଝର ଡିଆରସିଏସ ଶୁଭ୍ରକାନ୍ତି ତୁଙ୍ଗ ମରୈଗାଁ ସମବାୟ ସମିତିର ମ୍ୟାନେଜମେଣ୍ଟ କମିଟିକୁ ୬ ମାସ ପାଇଁ ରଦ୍ଦ କରିଛନ୍ତି। ଆନନ୍ଦପୁର ଏଆରସିଏସ କାର୍ଯ୍ୟାଳୟର ଅଧିକାରୀ ନିତ୍ୟାନନ୍ଦ ଦେହୁରୀଙ୍କୁ ସମ୍ପୃକ୍ତ ମରୈଗାଁ ସମିତିର ଏମଆଇସି(ମ୍ୟାନେଜମେଣ୍ଟ ଇନ ଚାର୍ଜ) ଭାବେ ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ଜାରି କରିଥିଲେ। ଏମ୍ଆଇସି ଭାବେ ଦାୟିତ୍ୱ ନେବାକୁ ଆନନ୍ଦପୁର ଏଆରସିଏସ କାର୍ଯ୍ୟାଳୟର ଅଧିକାରୀ ନିତ୍ୟାନନ୍ଦ ଦେହୁରୀ ଗତ ସୋମବାର ସମିତିକୁ ଯାଇଥିଲେ। ସମିତି ସମ୍ପାଦକ ସେଠୀ ସହଯୋଗ କରି ନ ଥିଲେ। ଫଳରେ ଅଧିକାରୀ ଜଣକ ନିରାଶ ହୋଇ ଫେରିଥିଲେ। ଘଟଣାରେ ଆନନ୍ଦପୁର ଏଆରସିଏସ ନାୟକ ରେକର୍ଡ ପତ୍ର ଏମ୍ଆଇସିଙ୍କୁ ହସ୍ତାନ୍ତର ନିର୍ଦ୍ଦେଶ ଦେଇଥିବା ବେଳେ ସମ୍ପାଦକ ସେଠୀ ଚଳିତ ମାସ ୭ ତାରିଖ ପର୍ଯ୍ୟନ୍ତ ଛୁଟି ପାଇଁ ଏକ ଦରଖାସ୍ତ ଦେଇଥିବା ମଧ୍ୟ କହିଛନ୍ତି। ରେକର୍ଡ ପତ୍ର ହସ୍ତାନ୍ତର ନ କରି ସମ୍ପାଦକ ଏପରି ସ୍ଥଳେ ଛୁଟି ମଞ୍ଜୁର କରାଯିବା ନେଇ ନାନା ସନ୍ଦେହ ସୃଷ୍ଟି କରୁଛି।

# କାଳିଆ ଷଣ୍ଢ ଚାମ୍ପିୟନ



### ହାପି କ୍ଲବ୍ କ୍ରିକେଟ୍ ଟୁର୍ନାମେଣ୍ଟ

ଢେଙ୍କିକୋଟ,୭।୩(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପଞ୍ଚାୟତ ଟିକିରା ଗ୍ରାମ ହାପି କ୍ଲବ୍‌ର ୫ମ ବାର୍ଷିକ କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପତି ହୋଇଯାଇଛି। ମୋଟ ୧୬ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ଖେଳ ଥଣ୍ଡର ଷ୍ଟ୍ରାଇକର ଲଙ୍ଗଳକଣ୍ଟି କ୍ରିକେଟ୍ ଟିମ୍ ସହ ଡିମ୍ବ କାଳିଆ ଷଣ୍ଢ କ୍ରିକେଟ୍ ଟିମ୍ ମଧ୍ୟରେ ଖେଳାଯାଇଥିଲା।

କାଳିଆ ଷଣ୍ଢ କ୍ରିକେଟ୍ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ହରାଇ ୧୧୭ ରନ ସଂଗ୍ରହ କରିଥିଲା। ଥଣ୍ଡର ଷ୍ଟ୍ରାଇକର ବିଜୟ ଲକ୍ଷ୍ୟ ପିଛା କରି ମାତ୍ର ୬୮ ରନ ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲା। ସମୀର କୁମାର ସେଠୀ, ଭକ୍ତବନ୍ଧୁ ମହାନ୍ତ ଖେଳ ପରିଚାଳନା କରିଥିଲେ। ଅଜୟ ବେଜ ଓ ମାଇକେଲ ଡେଭିସ ବେଜ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିବରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଜିଲା ଭାଜପା କାର୍ଯ୍ୟକାରିଣୀ ସଦସ୍ୟା ତଥା କେନ୍ଦୁଝର ଏମ୍‌ପିଙ୍କ ସହଧର୍ମିଣୀ ଲବଙ୍ଗଲତା ନାୟକ, ମୁଖ୍ୟ ବକ୍ତାଭାବେ ଭାଜପା ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସିଂହ, ସମ୍ମାନିତ ଅତିଥିଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅମର ସିଂହ, କେନ୍ଦୁଝର ଏମ୍‌ପି ପ୍ରତିନିଧି ଜିତେନ୍ଦ୍ର ପଲେଇ, ପଇଦାପାଟଣା ସରପଞ୍ଚ ଶୋକୁଳ ମୁଣ୍ଡା ପ୍ରମୁଖ ଯୋଗଦେଇ ରନର୍ସଅପ ଥଣ୍ଡର ଷ୍ଟ୍ରାଇକର ଲଙ୍ଗଳକଣ୍ଟି କ୍ରିକେଟ୍ ଟିମ୍‌କୁ ନଗଦ ୧୦ ହଜାର ଟଙ୍କା ସହ ଟ୍ରଫି ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ ଦଳକୁ ୧୫ ହଜାର ସହ ଟ୍ରଫି ପ୍ରଦାନ କରିଛନ୍ତି। ହାପି କ୍ଲବ୍‌ର ସଭାପତି ସନତ ନାଏକ, ସମ୍ପାଦକ ସନ୍ଦୀପ ନାଏକ, କୋଷାଧକ୍ଷ ରବିନ୍ଦ୍ର ମାଝୀଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ସକ୍ରିୟ ସଦସ୍ୟ ଟୁର୍ନାମେଣ୍ଟରେ ସହଯୋଗ କରିଥିଲେ। ଗ୍ରାମର ସମସ୍ତ ମହିଳା ଓ ପୁରୁଷ ମଧ୍ୟ ସହଯୋଗ କରିଥିଲେ।

### ରିମାଣ୍ଡ ଅବଧି ସରିଲା, ଜେଲକୁ ଫେରିଲେ ବିଚାରାଧୀନ କଏଦୀ

#### ଗ୍ରେୱାଲ କମ୍ପାନୀ ଭାଇସ ପ୍ରେସିଡେଣ୍ଟ୍ ଅପହରଣ ଘଟଣା

ବଡ଼ବିଲ,୭।୩(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡବିଲସ୍ଥିତ ଗ୍ରେୱାଲ କମ୍ପାନୀ (ଗ୍ରେୱାଲ ମିନେରାଲସ୍ ଆଣ୍ଡ ମେଟାଲସ୍ ଏଲଏଲପି)ର ଭାଇସ ପ୍ରେସିଡେଣ୍ଟ ନିମାନନ୍ଦ ପ୍ରଧାନଙ୍କ ଅପହରଣ ଘଟଣାରେ ପୋଲିସ ବୁଧବାର ରିମାଣ୍ଡରେ ନେଇଥିବା ୩ ଜଣ ବିଚାରାଧୀନ କଏଦୀଙ୍କୁ ଜେଲକୁ ଫେରିଥିବା ଜଣାପଡ଼ିଛି। ଅପହରଣ ଘଟଣାରେ ମୋଟ ପୋଲିସ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରୁ ୩ ଜଣ ବିଚାରଧୀନ କଏଦୀଙ୍କ ରିମାଣ୍ଡ ପାଇଁ ପୋଲିସ ଆବେଦନ କରିଥିଲା। ମାଜିଷ୍ଟ୍ରେଟଙ୍କ ଅନୁମତି କ୍ରମେ ୨ ଦିନ ପାଇଁ ପୋଲିସ ବିଚାରଧୀନ କଏଦୀ ଏମ୍ଡି ଫିରୋଜ, ସର୍ଫରାଜ ଆନସାରୀ ଏବଂ ରାଜେନ୍ଦ୍ର ପାଶୱାନଙ୍କୁ ରିମାଣ୍ଡରେ ନେଇ ପଚରାଉଚରା ଶେଷ କରିଥିବା ଜଣାପଡିଛି। କାର ଚାଳକ ଫିରୋଜଙ୍କୁ ନେଇ ଘଟଣାର ସିନ ରିକ୍ରିଏଶନ କରିଛି। ଶୁକ୍ରବାର ରିମାଣ୍ଡ ଅବଧି ସରିଯିବାରୁ ପୋଲିସ ୩ ବିଚାରଧୀନ କଏଦୀଙ୍କୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରି ଜେଲରେ ଛାଡ଼ିଥିବା ଜଣାପଡିଛି। ରିମାଣ୍ଡରେ ଆଣିଥିବା ବିଚାରଧୀନ କଏଦୀଙ୍କ ନିକଟରୁ ବଡ଼ବିଲ ପୋଲିସ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା ଜଣାପଡ଼ିଛି।

## ପାଲାକାର ବାର୍ଷିକ ସମ୍ମିଳନୀରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୭।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

ଶ୍ରୀ ନିଳାଚଳ ନିଖିଳ ଉତ୍କଳ ପାଲାକାର ପରିଷଦ ଶାଖା କେନ୍ଦୁଝର ଜିଲା ମା' ତାରିଣୀ ପାଲାକାର ପରିଷଦର ୪୭ତମ ବାର୍ଷିକ ସମ୍ମିଳନୀ ୮ ତାରିଖଠାରୁ ୧୦ ତାରିଖ ପର୍ଯ୍ୟନ୍ତ ସଦର ବ୍ଲକ୍ ଅନ୍ତର୍ଗତ ରାଇକଳା ପଞ୍ଚାୟତ ଅଧୀନ ବନେଇକଳା ଗ୍ରାମରେ ଆୟୋଜିତ ହେବ। ସମ୍ମିଳନୀର ୨ୟ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦାନ କରିବାପାଇଁ ସହମତି ପ୍ରଦାନ କରିଛନ୍ତି। ଜିଲାର ୩୮ ଦଳ ଗାୟିକା, ଗାୟକ ଅହୋରାତ୍ର ପାଲା ପରିବେଷଣ କରିବେ। ଓଡ଼ିଶା ପାଲା ଗାୟକ ପରିଷଦର କର୍ମକର୍ତ୍ତାଙ୍କ ସହିତ ବହୁ ସାହିତ୍ୟିକ କବି ବାଗ୍ମୀ ଆଧ୍ୟାତ୍ମିକ ପ୍ରବକ୍ତାମାନେ ଯୋଗଦାନ କରିବାପାଇଁ ସ୍ଥିର ହୋଇଛି ବୋଲି ମା' ତାରିଣୀ ପାଲାକାର ପରିଷଦ କେନ୍ଦୁଝର ସଭାପତି ରମାକାନ୍ତ ପାତ୍ର ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଉଳା,୭।୩(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବାଲିବରେଇ ପଞ୍ଚାୟତ ସରକାରୀ ଆମ୍ବ ନାଳିଆ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନରୋତ୍ତମ ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ବିଶିଷ୍ଟ ଅତିଥି ଶିକ୍ଷାବିତ୍ ମୋହନ ମହାନ୍ତି, ମୁଖ୍ୟ ବକ୍ତାଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ନାରୟଣ ଚନ୍ଦ୍ର ଲେଙ୍କା, ସମ୍ମାନିତ ଅତିଥି ସିଆରସିସି ପ୍ରଦିପ୍ ଦେହୁରୀ, ଶିକ୍ଷକ ବିଶ୍ୱଜିତ୍ ରାଉତ, କମିଟି ଅଧକ୍ଷା ସୁଭଦ୍ରା ମହାନ୍ତ, ଅଙ୍ଗନବାଡି କର୍ମୀ ବୀଣାପାଣି ତ୍ରିପାଠୀ, ଆଶ୍ୱାୟାର ସ୍ୱର୍ଣ୍ଣଲତା ମାଝୀ, ମାମାଲି ପତି ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସୋସୋ ପଞ୍ଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟ ବାଲିଆର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

### ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ

## ସୂର୍ଯ୍ୟଶିଖା ଭଦ୍ରକ ଚାମ୍ପିୟନ

କେନ୍ଦୁଝର,୭।୩(ଦୀପକ ମିଶ୍ର)

କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ରାଇସୁଆଁଠାରେ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ରାଇସୁଆଁ ୟୁଥ୍ ଆନୁକୂଲ୍ୟରେ ଚଳିତ ବର୍ଷ ଦ୍ୱାଦଶ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟରେ ପଶ୍ଚିମବଙ୍ଗ, ପୁରୀ, ଭଦ୍ରକ ଓ ଭୁବନେଶ୍ୱର ଦଳ ଅଂଶଗ୍ରହଣ କରିଛି।

ଅତିଥିଭାବରେ ଗଣେଶ୍ୱର ମହାନ୍ତ, ସୁରଜ ସେଠୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର


ଅତିଥିଙ୍କ ସହ ବିଜେତା ଦଳର ଖେଳାଳିମାନେ।

ଆଞ୍ଚଳିକ ପରିଚାଳକ ମାନସ ରଞ୍ଜନ ମିଶ୍ର, ସଦର ଥାନାର ପ୍ରଭାତ ଚନ୍ଦ୍ର ମହାନ୍ତି, ଦୁର୍ଗା ପ୍ରସନ୍ନ ସାହୁ, ସୁଦର୍ଶନ ମହାଣା, ଯୋଗେନ ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳ ସୂର୍ଯ୍ୟଶିଖା, ଭଦ୍ରକ ଓ ରନର୍ସ ଅପ ରେନବୋ ଭୁବନେଶ୍ୱରକୁ ପୁରସ୍କୃତ କରିଥିଲେ। ରାଇସୁଆଁ ୟୁଥ୍ କ୍ଲବ୍‌ର ସମ୍ପାଦକ ବସନ୍ତ ସାହୁ, ସଦସ୍ୟ କେଶବ ପାତ୍ର, କୁନା ପାତ୍ର, ଦିପୁ ରଣା, ମନୋରଞ୍ଜନ ସାହୁ, ଦିପୁ ଖଣ୍ଡା, ବଣ୍ଟି, ଦେବ, ଅଭିଷେକ, ଟମି, ନାରାୟଣ ଖଣ୍ଡା, ଟୁଲୁ ପାତ୍ର, ବାବୁନି ଦାସ, ମୋହନ ଦାସ, ପପି, ସୁମିତ, ସୁଶାନ୍ତ, ଅମୃ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଅବକାରୀ ଚଢ଼ାଉ, ୪ ଗିରଫ

ମୋରଡ଼ା,୭।୩(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅବକାରୀ ଅଧିକାରୀ ଦୀପକ କୁମାର ରାଉତଙ୍କ ସୂଚନା ମୁତାବକ, ରାସଗୋବିନ୍ଦପୁର ବ୍ଲକର ବାଉଁମୁଳି ଗ୍ରାମର ଦୁଇଟି ସ୍ଥାନରେ ଚଢ଼ାଉ କରି ୨୫ ଲିଟର ଏବଂ ୨୦ ଲିଟର ଦେଶୀ ମଦ ଜବତ କରିବା ସହିତ ସଲମା ମାର୍ଣ୍ଡି ଓ ଲକ୍ଷ୍ମୀ ହାଁସଦାଙ୍କୁ ଗିରଫ କରାଯାଇଛି। ସେହିପରି ଉକ୍ତ ବ୍ଲକର ଝରିଆ ଏବଂ କୁଶଡିହା ଗ୍ରାମରେ ଚଢ଼ାଉ କରି ମୋଟ ୩୦ ଲିଟର ମଦ ଜବତ ସହିତ ଲଲି ରାମ ଏବଂ ରଜନୀ କାନ୍ତ


ଗିରଫ ଅଭିଯୁକ୍ତ ଓ ଜବତ ମଦ।

ବେହେରାଙ୍କୁ ଗିରଫ କରାଯାଇଛି। ଏନେଇ ଅବକାରୀ ଥାନାରେ ୧୯୮,୧୯୯,୨୦୦,୨୦୧/୨୫ରେ ମାମଲା ରୁଜୁ ହୋଇଛି। ଉକ୍ତ ଚଢ଼ାଉରେ ଅବକାରୀ ଅଧିକାରୀ ରାଉତଙ୍କ ସହିତ ଏଏସ୍ଆଇ ରବିନାରାୟଣ ରଣା, କନଷ୍ଟେବଳ ଯଶୋବନ୍ତ ନାଏକ, ଲଲାଟେନ୍ଦୁ ଶତପଥୀ, ଦୀପାଞ୍ଜଳି ଦାସ ସାମିଲ ଥିଲେ।

## ନାହାନ୍ତି ଯନ୍ତ୍ରୀ, ରାତ୍ରି ଜଗୁଆଳ ପଦବୀ ଖାଲି

### ଚମ୍ପୁଆ ପିଡବ୍ଲ୍ୟୁଡି କାର୍ଯ୍ୟାଳୟରେ କର୍ମଚାରୀ ଅଭାବ

ଚମ୍ପୁଆ,୭।୩(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ପିଡବ୍ଲ୍ୟୁଡି କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଲାଗି ରହିଛି। ବିଶେଷ କରି ନିୟମିତ ଯନ୍ତ୍ରୀଙ୍କ ଅଭାବ ଦେଖାଦେଇଛି। ଯନ୍ତ୍ରୀ ଅତିରିକ୍ତ ଦାୟିତ୍ୱରେ କାର୍ଯ୍ୟ କରୁଥିବାରୁ ବିଭାଗୀୟ କାର୍ଯ୍ୟ ଠିକ୍ ଭାବେ ହୋଇପାରୁନାହିଁ। ଏପରିକି ଅନେକ ସମୟରେ ଉନ୍ନୟନ ମୂଳକ କାର୍ଯ୍ୟ ତଦାରଖ ପାଇଁ ଏସ୍‌ଡିଓ ବୁଦ୍ଧିଆ ମାରାଣ୍ଡି ବାହାରେ ରହୁଥିବା ବେଳେ କାର୍ଯ୍ୟାଳୟରେ ଅନେକ ସମୟରେ ଅଧିକାରୀଙ୍କ ଦେଖା ମିଳୁନାହିଁ।

ପ୍ରକାଶ ଯେ, ଚମ୍ପୁଆ ଉପଖଣ୍ଡରେ ୩ ଜଣଙ୍କ ମଧ୍ୟରୁ ଚମ୍ପୁଆରେ ୨ ଜଣ ଓ ଝୁମ୍ପୁରାରେ ୧ ଜଣ ରହିବା କଥା। ମାତ୍ର ଜଣେ ଝୁମ୍ପୁରାରେ ରହିଥିବା ବେଳେ ଚମ୍ପୁଆରେ କେହିନାହାନ୍ତି। ବଡ଼ବିଲ ଯନ୍ତ୍ରୀଙ୍କୁ ଯୋଡ଼ା, ବଡ଼ବିଲ ଓ ଚମ୍ପୁଆ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ଝୁମ୍ପୁରା ଯନ୍ତ୍ରୀଙ୍କୁ ତେଲକୋଇ, ଝୁମ୍ପୁରା ଓ ଚମ୍ପୁଆ ଦାୟିତ୍ୱ ତୁଲାଇବାକୁ ପଡୁଛି।



ଏପରିକି ଏହି ବିଭାଗ ଅଧୀନରେ ଡାକ ବଙ୍ଗଳା ରହିଥିଲେ ହେଁ ଝାଡୁ ମାରିବା ତଥା ରାତ୍ରକାଳିନ ଜଗୁଆଳୀ ନ ଥିବାରୁ ନାନା ସମସ୍ୟା ଉପୁଜୁଛି। କାର୍ଯ୍ୟାଳୟର କିରାଣି ସଂଖ୍ୟା ମଧ୍ୟ କମ୍ ରହିଛି। ବିଭାଗୀୟ ଅଧିକାରୀ ବୁଦ୍ଧିଆ ମାରାଣ୍ଡି କହିଛନ୍ତି, ସର୍ବନିମ୍ନ ମୁଖ୍ୟାଳୟରେ ଜଣେ ଯନ୍ତ୍ରୀ ରହିବା କଥା, ଯନ୍ତ୍ରୀଙ୍କ ଅନୁପସ୍ଥିତି ପାଇଁ ମତେ ସପ୍ତାହ ସାରା କାର୍ଯ୍ୟ ତଦାରଖ କରିବାକୁ ପଡୁଛି। ଏନେଇ ବହୁ ସମୟ ବାହାରକୁ ଯିବାକୁ ପଡୁଛି।

## ୧୫୦ ସାଇଜ କାଠ ଜବତ

କେନ୍ଦୁଝର,୭।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଭୂୟାଁ ଓ ଜୁଆଙ୍ଗ ପିଢ଼ ରେଞ୍ଜ ବାଂଶପାଳ ବ୍ଲକ୍ ଉପର ରାଇଗୋଡା ପଞ୍ଚାୟତ ଦୁଧପଶି ଗ୍ରାମର ପ୍ରଫୁଲ୍ଲ ବାରିକଙ୍କ ଘରେ ବନ ବିଭାଗ ପକ୍ଷରୁ ଚଢ଼ାଉ ହୋଇଛି। ଚଢ଼ାଉ ବେଳେ ପ୍ରଫୁଲ୍ଲ ଫେରାର ହୋଇଯାଇଥିବା ବେଳେ ଘରୁ ପାଖାପାଖି ୧୫୦ ସିଫ୍ଟ ସାଇଜ କାଠ ଜବତ ହୋଇଛି। ଅତିରିକ୍ତ ବନ ସଂରକ୍ଷକ ନାଗାରାଜୁ କୋଣ୍ଡେନାଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା। ଜବତ କାଠର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। କାଠ କେଉଁଠୁ ଆସିଲା ତାହାର ତଦନ୍ତ ବନ ବିଭାଗ କରୁଥିବା ବେଳେ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ କରୁଛି। ଶାଳ, ଶାଗୁଆନ, ବିଜା, ଗମ୍ଭାରୀ କାଠ ଜବତ କରାଯାଇଥିବା ଡିଏଫଓ ଧନରାଜ ଏଚ୍‌ଡି ସୂଚନା ଦେଇଛନ୍ତି। ଘର ଭିତରେ ଟାଇଲ ଘର ଛାତ ତଳେ କାଠ ଗୁଡ଼ିକ ଲୁଚେଇ ରଖାଯାଇଥିଲା।

# ବିପଦ ସାଜିଛି ମୁକୁଳା ଡ୍ରେନ୍


ମୁକୁଳା ପଡ଼ଇଥିବା ଡ୍ରେନ୍।

ଯୋଡ଼ା,୭।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୭ ନମ୍ବର ୱାର୍ଡର ସହିଦନଗରଠାରେ ଦୀର୍ଘବର୍ଷ ହେବ ଡ୍ରେନ ଅସମ୍ପୂର୍ଣ୍ଣ ହୋଇପଡ଼ିଛି। ଡ୍ରେନ୍ ମୁକୁଳା ହୋଇ ପଡ଼ିଥିବାରୁ ବସ୍ତି ବାସିନ୍ଦାଙ୍କ ପାଇଁ ବିପଦ ସାଜିଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି।

ପ୍ରକାଶ ଯେ, ସହିଦ ନଗରର ଅଙ୍ଗନୱାଡ଼ି କେନ୍ଦ୍ର ନିକଟରୁ ବସ୍ତିକୁ ନିର୍ମାଣ କରାଯାଇଥିବା ଡ୍ରେନ୍ ଅଧାପନ୍ତରିଆ ହୋଇପଡ଼ିଛି। ଡ୍ରେନ୍‌କୁ ଖୋଲା ଛାଡ଼ି ଦିଆ ଯାଇଥିବାରୁ ଯାତାୟାତ ସମୟରେ ଲୋକେ ଡ୍ରେନ୍‌ରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। କିଛି ମାସ ପୂର୍ବରୁ ଜଣେ ଶିଶୁ ଓ ଜଣେ ବୃଦ୍ଧା ଡ୍ରେନ୍‌ରେ ପଡ଼ି ଆହତ ହୋଇଥିଲେ। ଶିଶୁ ସାମାନ୍ୟ ଆହତ ହୋଇଥିବାବେଳେ ବୃଦ୍ଧା ଜଣଙ୍କର ଗୋଡ ଭାଙ୍ଗି ଯାଇଥିଲା। ବିଶେଷକରି ରାତ୍ରି ସମୟରେ ଏହି ରାସ୍ତା ଦେଇ ଯିବା ସମୟରେ ଏହି ବିପଦପୂର୍ଣ୍ଣ ଡ୍ରେନ୍‌ରେ ଲୋକେ ପଡ଼ି ଯିବାର ଭୟ ରହୁଥିବା ବସ୍ତି ବାସିନ୍ଦା କହିଛନ୍ତି। ଡ୍ରେନ୍ ନିକଟରେ ଏକ ଅଙ୍ଗନୱାଡ଼ି କେନ୍ଦ୍ର ରହିଥିବାରୁ ବର୍ଷା ଦିନରେ ଡ୍ରେନ୍‌ରେ ଜଳ ପ୍ରବାହ ସମୟରେ ଛୋଟ ଶିଶୁଙ୍କ ଜୀବନ ପ୍ରତି ବିପଦ ରହିଛି। ଅଭିଭାବକ ଶିଶୁଙ୍କ ସୁରକ୍ଷା ନେଇ ଚିନ୍ତାରେ ପଡ଼ିଛନ୍ତି। ଡ୍ରେନ୍ ନିର୍ମାଣ ସମ୍ପୂର୍ଣ୍ଣ କରି ଘୋଡ଼ଣି ବ୍ୟବସ୍ଥା କରିବାକୁ ପୌରପାଳିକା ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି।

## ୧୪୨ଲିଟର ମଦ ଓ ବାଇକ ଜବତ: ୪ କୋର୍ଟଚାଲାଣ

ଖଇରା, (ଉତ୍କଳବନ୍ଧୁ ପଣ୍ଡା): ଖଇରା ଅବକାରୀ ଥାନା ପକ୍ଷରୁ ଖଇରା ତଥା ସିମୁଳିଆ ଥାନା ଅଧୀନରେ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ୧୩୦ ଲିଟର ଦେଶୀ ଓ ୧୨ଲିଟର ବିଦେଶୀ ମଦ ସହ ଏକ ବାଇକ ଜବତ କରାଯାଇଛି। ମଦ ବିକ୍ରି ସହ ସମ୍ପୃକ୍ତ ଥିବା ଜଳଙ୍ଗ ଗଣ୍ଡିବେଡ ଗ୍ରାମର ରମେଶ ଶଙ୍ଖୁଆ, ଗରସଙ୍ଗ ଗ୍ରାମର ନିରଞ୍ଜନ ବାରିକ, ବରଦା ଗ୍ରାମର ରମେଶ କୁମାର ସେନାପତି ଓ ଶରତ ଗ୍ରାମର ବିଷ୍ଣୁପଦ ପାତ୍ରଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

**ବାଲେଶ୍ୱର**

**ସଂକ୍ଷେପରେ**

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ବାଲେଶ୍ୱର, ୭।୩(ବାଞ୍ଛାନିଧି ଦେ): ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ ଅରଡ଼ବଜାରରେ ବୁଧବାର ରାତିରେ ଏକ ଗ୍ୟାଙ୍ଗ ଜଣେ ଯୁବକଙ୍କୁ ତେଲେଙ୍ଗା କଟୁରୀରେ ହାଣି ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଗୁରୁବାର ଏକ ମାମଲା (ନଂ. ୮୫/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଆହତ ଯୁବକ ହେଲେ ଅରଡ଼ବଜାର ଅଞ୍ଚଳର ସେକ କୁର୍ବାନ। ସେ ନିଜ ଭ୍ୟାନ୍ ଚଳାଇ ରାତିରେ ଭଦ୍ରକରୁ ଘରକୁ ଫେରୁଥିଲେ। ଘରେ ପହଞ୍ଚିବା ସମୟରେ ସହରର ଲେଲେ, ସୁମନ, ସିପୁ ଓ ଅନ୍ୟ ସହଯୋଗୀ ମିଶି ତାଙ୍କୁ କଟୁରିରେ ଆକ୍ରମଣ କରିଥିବା ଆହତ ଯୁବକଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କୁର୍ବାନଙ୍କ ସହ ଥିବା ଅନ୍ୟ ଦୁଇ ସାଙ୍ଗ ଭୟରେ ଦୌଡ଼ି ପଳାଇଥିଲେ। କୁର୍ବାନଙ୍କ ମୁଣ୍ଡ ଓ ବାମ ଗୋଡ଼କୁ ଦୁର୍ବୃତ୍ତମାନେ ହାଣି ହତ୍ୟା ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆହତ ଯୁବକଙ୍କୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଛି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ପୂର୍ବଶତ୍ରୁତା କାରଣରୁ ଯୋଜନାବଦ୍ଧ ଭାବେ ଏହି ଆକ୍ରମଣ ହୋଇଥିବା ଅନୁମାନ କରାଯାଉଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

କାଳିପଦା, ୭।୩(ରାଜଶ୍ରୀ ପାଣିଗ୍ରାହୀ): ବାଲିଆପାଳ ବ୍ଲକରେ ଦିନକୁ ଦିନ ବେଆଇନ ବାଲି ଉତ୍ତୋଳନ ବଢ଼ିବାରେ ଲାଗିଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଜାମକୁଣ୍ଡା ଅଞ୍ଚଳରୁ ଏକ ବାଲି ବୋଝେଇ ଟ୍ରାକ୍ଟର ଜାମକୁଣ୍ଡା ଫାଣ୍ଡି ଅଧିକାରୀ ସୂର୍ଯ୍ୟନାରାୟଣ ନାୟକ ଜବତ କରିଛନ୍ତି। ଉକ୍ତ ଗାଡ଼ିକୁ ବାଲିଆପାଳ ଥାନାରେ ଅଟକ ରଖାଯାଇଛି।

## ସୁଭଦ୍ରା ସଚେତନତା ଶିବିର

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/
କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୭।୩:
ନାରୀ ସଶକ୍ତିକରଣ ପାଇଁ ସରକାରଙ୍କ ସୁଭଦ୍ରା ଯୋଜନାକୁ ଠିକ୍ ରୂପାୟନ ପାଇଁ ଗୁରୁବାର ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ କାର୍ଯ୍ୟାଳୟ ପରିସରରେ ପଥପ୍ରାନ୍ତ ସଭା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବାଲିଆପାଳ ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ସିଡିପିଓ ପାର୍ବତୀ ସୋରେନ, ମଧୁପୁର ସରପଞ୍ଚଙ୍କ ପ୍ରତିନିଧି ଲମ୍ବୋଦର ମାହାନା, ସାମାଜିକ କର୍ମୀ ଅଜୟ ସାହୁ, ବିଷ୍ଣୁପୁର ସରପଞ୍ଚ ମହେଶ୍ୱର ଜେନା, ବାଲିଆପାଳ ସରପଞ୍ଚଙ୍କ ପ୍ରତିନିଧି ହେମନ୍ତ ଦାସ, ସୁପରଭାଇଜର ସୌଦାମିନୀ ପାତ୍ର ଓ ଶିକ୍ଷାରାଣୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୫ଟି ପଞ୍ଚାୟତରୁ ସମସ୍ତ ଅଙ୍ଗନୱାଡି କର୍ମୀ ଯୋଗଦେଇ ନୃତ୍ୟ, ଅଭିନୟ ମାଧ୍ୟମରେ ମହିଳାମାନଙ୍କୁ ସଚେତନ କରାଇଥିଲେ।

## ବିପିଏଲ୍‌ର ତୃତୀୟ ସଂସ୍କରଣ ପାଇଁ ଖେଳାଳି ନିଲାମ ପ୍ରକ୍ରିୟା ଶେଷ

ଲଙ୍ଗଳେଶ୍ୱର, ୭।୩(କମଳାକାନ୍ତ ଦାସ)– ବାଲିଆପାଳ ବ୍ଲକ ବୋଲଂ ପଞ୍ଚାୟତ ବୋଲଂ ଗ୍ରାମରେ ବୋଲଂ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଆସନ୍ତା ୯ ତାରିଖରୁ ଅନୁଷ୍ଠିତ ହେବାକୁ ଥିବା ବୋଲଂ ପ୍ରିମିୟର ଲିଗ୍ (ବିପିଏଲ)ର ତୃତୀୟ ସଂସ୍କରଣ ପାଇଁ ଖେଳାଳି ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ମୋଟ ୫ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଜୟଦୁର୍ଗା ସୁପରକିଙ୍ଗସ୍, ସାଇକ୍ରିଷ୍ଣା ୱାରିୟର, ପିଲୁ ଇଲେଭେନ୍, ରାକ୍ଷୀ ରାଇଡ଼ର, ଗଡ ମଙ୍ଗଳା ଫାଇଟର ଖେଳାଳି ନିଲାମ ପ୍ରକ୍ରିୟାରେ ଭାଗ ନେଇ ନିଜ ଟିମ୍ ପାଇଁ ଖେଳାଳି ମନୋନୀତ କରିଥିଲେ। ଶହେରୁ ଊର୍ଦ୍ଧ୍ୱ ଖେଳାଳିଙ୍କ ନିଲାମ ହୋଇଥିବା ବେଳେ ଅଞ୍ଜନ କୁମାର ଜେନାଙ୍କୁ ସର୍ବାଧିକ ଦାମ୍‌ରେ ପିଲୁ ଇଲେଭେନ ଟିମ୍‌ର ମାଲିକ ଜୟ ପ୍ରକାଶ ନାୟକ କ୍ରୟ କରିଥିଲେ। ସେହିଭଳି କ୍ରମାଗତ ଭାବେ ମାନସ ରାଉଳ, ରୋହିତ ରାମ୍, ପ୍ରକାଶ ପଣ୍ଡା, ମୋହନ ପଣ୍ଡା ପ୍ରମୁଖ ଖେଳାଳିଙ୍କୁ ଅନ୍ୟ ଟିମ୍‌ର ମାଲିକମାନେ କ୍ରୟ କରିଥିଲେ। କାର୍ଯ୍ୟକ୍ରମକୁ ବୋଲଂ ସ୍ପୋର୍ଟସ କ୍ଲବ (ବିପିଏଲ) ର ସଭାପତି ସିଦ୍ଧେଶ୍ୱର ମଲ୍ଲିକ, ସମ୍ପାଦକ ସତ୍ୟଜିତ୍ ମହାପାତ୍ର, ସପନ ରାଉତ, କୋଷାଧ୍ୟକ୍ଷ କମଳାକାନ୍ତ ପଞ୍ଚାୟତଙ୍କ ସମେତ ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

# ଖୋଲିବ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍



ବୈଠକରେ ଜିଲାପାଳଙ୍କ ସହ ପ୍ରଶାସନିକ ଅଧିକାରୀ।

- ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଜିଲାସ୍ତରୀୟ ପ୍ରସ୍ତୁତି
- ଜିରୋ କାଜୁଆଲିଟି ଲକ୍ଷ୍ୟ

**ବାଲେଶ୍ୱର, ୭।୩(ବାଞ୍ଛାନିଧି ଦେ):**

ବାଲେଶ୍ୱର ସଦ୍‌ଭାବନା ସଭାଗୃହ ଠାରେ ଚଳିତବର୍ଷ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଶୁକ୍ରବାର ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏଥିରେ ଅଧ୍ୟକ୍ଷତା କରି ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି। ଗ୍ରୀଷ୍ମପ୍ରବାହ ସମୟରେ ସତର୍କତା ଅବଲମ୍ବନ ନିମନ୍ତେ ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟଜଳ ବ୍ୟବସ୍ଥା, ପୋଷ୍ଟର ଓ ଲିଫ୍‌ଲେଟ୍ ଆଦି ପ୍ରଚାରପତ୍ର ବଣ୍ଟନ, ଅଚଳ ନଳକୂପଗୁଡ଼ିକର ତୁରନ୍ତ ମରାମତି, ଜଳଛତ୍ର ଖୋଲିବା, ଶିକ୍ଷାନୁଷ୍ଠାନ ଓ ହଷ୍ଟେଲ୍‌ରେ ପାନୀୟଜଳ ଯୋଗାଣ ନିମନ୍ତେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଗ୍ରୀଷ୍ମ ପ୍ରବାହଜନିତ ଯେପରି କୌଣସି ଜୀବନହାନି ନ ଘଟିବ ସେ ଦିଗରେ ତତ୍ପର ରହିବାକୁ ପରାମର୍ଶ ଦେଇଛନ୍ତି। ଶ୍ରମିକମାନଙ୍କୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ କାମ ନ କରିବା ପାଇଁ କୁହାଯାଇଛି। କାର୍ଯ୍ୟସ୍ଥଳରେ ପାନୀୟଜଳ ବ୍ୟବସ୍ଥା, ଆଶ୍ରୟସ୍ଥଳ ବନ୍ଦୋବସ୍ତ ଓ ଓଆର୍‌ଏସ୍ ପ୍ୟାକେଟ୍ ମହଜୁଦ ରଖିବା ପାଇଁ କୁହାଯାଇଛି। ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣରେ ଓଆର୍‌ଏସ୍ ପାଉଡ଼ର, ବରଫ, ଅଂଶୁଘାତର ପ୍ରତିକାର ପାଇଁ ଔଷଧପତ୍ର, ଜୀବନ ରକ୍ଷାକାରୀ ଔଷଧ ମହଜୁଦ୍ ରଖିବା, ଆମ୍ବୁଲାନ୍ସ ବ୍ୟବସ୍ଥା ସହ ଏବଂ କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟକ୍ଷମ କରିବା, ଅଂଶୁଘାତ ଆକ୍ରାନ୍ତଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ନିମନ୍ତେ ବେଡ୍ ପ୍ରସ୍ତୁତ ରଖିବା ପାଇଁ ପଦକ୍ଷେପ ନେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ଗ୍ରୀଷ୍ମପ୍ରବାହ ସମୟରେ ଯାତ୍ରୀବାହୀ ବସ୍ ଓ ଯାନଗୁଡ଼ିକର ଚଳାଚଳ ନିୟନ୍ତ୍ରଣ, ପର୍ଯ୍ୟାପ୍ତ ପାନୀୟ ଜଳ, ଓଆର୍‌ଏସ୍ ପ୍ୟାକେଟ୍ ରଖିବା ଏବଂ ବସ୍ ରହଣି ସ୍ଥାନରେ ବିଶ୍ରାମସ୍ଥଳୀ ଓ ଜଳଛତ୍ର ଖୋଲିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ ଓ କଲେଜଗୁଡ଼ିକର ଶିକ୍ଷାଦାନ ସମୟ ନିର୍ଦ୍ଧାରଣ କରିବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ମୁଖ୍ୟାଳୟ ସମେତ ବ୍ଲକ, ତହସିଲ୍ ଓ ସବ୍‌ଡିଭିଜନ୍‌ସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଏବଂ ପିଏନ୍‌ଓଡିଏଲ୍ ବିଭାଗର କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟକ୍ରମ ନିମନ୍ତେ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ବ୍ଲକ୍ ଓ ପୌରପାଳିକାସ୍ତରରେ ଅତିଶୀଘ୍ର ପ୍ରସ୍ତୁତି ବୈଠକ ଆହ୍ୱାନ କରି ଆକସନ୍ ପ୍ଲାନ୍ ପ୍ରସ୍ତୁତ କରିବା ପାଇଁ ଜିଲାପାଳ କହିଛନ୍ତି। ଅଂଶୁଘାତଜନିତ ମୃତ୍ୟୁ ଘଟଣାର ଯୁଗ୍ମ ତଦନ୍ତ କରି ୨୪ ଘଣ୍ଟା ମଧ୍ୟରେ ଜିଲା ଆପତ୍‌କାଳୀନ କାର୍ଯ୍ୟାଳୟକୁ ପଠାଇବା ପାଇଁ ତହସିଲଦାର ଓ ମେଡିକାଲ୍ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ସିଡ଼ିଓ ବିଶ୍ୱରଞ୍ଜନ ନାୟକ, ବାଲେଶ୍ୱର ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ନୀଳଗିରି ଉପଜିଲାପାଳ ଶୁଭଶ୍ରୀ ରଥ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଗୋପୀନାଥ ପରିଡ଼ା, ଜିଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଶାସନିକ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ପୌରପାଳିକାର ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସୁଭଦ୍ରା ଯୋଜନା ସଚେତନତା ନିମନ୍ତେ ପଥପ୍ରାନ୍ତ ସଭା


ପାଲା ମାଧ୍ୟମରେ ସଚେତନ କରାଯାଉଛି।

**ବାହାନଗା, ୭।୩(ଅରୂପ୍‌କୁମାର ଦାସ):**

ବାହାନଗା ବ୍ଲକ ଖନ୍ତାପଡା ପଞ୍ଚାୟତ ପରିସରରେ ସୁଭଦ୍ରା ଯୋଜନା ସଚେତନତା ନିମନ୍ତେ ପଥପ୍ରାନ୍ତ ସଭା କରାଯାଇଛି। ମାର୍ଚ୍ଚ ୮ରେ ଆର୍ନ୍ତଜାତୀୟ ମହିଳା ଦିବସ ପୂର୍ବରୁ ସୁଭଦ୍ରା ଯୋଜନାରେ ଉପକୃତ ହୋଇଥିବା ମହିଳାମାନଙ୍କୁ ନେଇ ସରକାର ଏକ ସଫଳ ରୂପାୟନ କାର୍ଯ୍ୟକ୍ରମ କରିବାକୁ ଯାଉଥିବା ବେଳେ ସେହି ଅନୁଯାୟୀ ମହିଳାମାନେ କିପରି ସଚେତନ ହେବେ ସେଥିଲାଗି ବାହାନଗା ବ୍ଲକର ୩ଟି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଖନ୍ତାପଡା ପଞ୍ଚାୟତ ପରସରରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ପାଲା ଓ ଓଡିଶୀ ନୃତ୍ୟ ମାଧ୍ୟମରେ ସଚେତନ କରାଯାଇଥିଲା। ମହିଳାମାନେ ଟଙ୍କା ପାଇବା ପରେ କି କି କାର୍ଯ୍ୟରେ ଲଗାଇଲେ, ସୁଭଦ୍ରା ଯୋଜନାରେ ଆଉ କଣ ଲାଭ ମହିଳାମାନେ ଓ ପାଠ ପଢୁଥିବା ଝିଅମାନେ ଲାଭ ପାଇପାରିବେ ସେ ବାବଦରେ ଉପସ୍ଥିତ ମହିଳାମାନଙ୍କୁ ପାଲା ମାଧ୍ୟମରେ ସଚେତନ କରାଯାଇଥିଲା। ଏଥିରେ ସିଡିପିଓ ପ୍ରୀତିଲତା ପାଢୀ, ଖନ୍ତାପଡା ପଞ୍ଚାୟତ ସରପଞ୍ଚ ଯଶୋବନ୍ତ ମହାଳିକ, ସୁଭଦ୍ରା ହେଲ୍ପଡେକ୍ସର ରୋଜାଲିନ୍ ରାଉତ, ସୁପରଭାଇଜର ଦମୟନ୍ତୀ ହେମ୍ବ୍ରମ୍, ପ୍ରିୟଙ୍କା ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସୁଭଦ୍ରା ଯୋଜନାରେ ମହିଳାମାନେ କିପରି ସଶକ୍ତ ହୋଇପାରିବେ ସେନେଇ ସଚେତନ କରିଥିଲେ।

## ଔପଦା ଆଞ୍ଚଳିକ ମହୋତ୍ସବ ଉଦ୍‌ଘାଟିତ



ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥିଗଣ।

**ଔପଦା, ୭।୩(ଧରିତ୍ରୀ ପଣ୍ଡା)**

ବାଲେଶ୍ୱର ଜିଲା ଔପଦା ଆଞ୍ଚଳିକ ମହୋତ୍ସବର ପ୍ରଥମ ସନ୍ଧ୍ୟା ଶୁଭାରମ୍ଭ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ଅଶୋକ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଉଦ୍‌ଘାଟନ କରି ମଣିଷ ମନରେ ଥିବା ନକାରାତ୍ମକ ଶକ୍ତିକୁ ଦୂର କରିବା ପାଇଁ ମହୋତ୍ସବ ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଖବରଦାତା ଚିତ୍ତରଞ୍ଜନ ଚିରଞ୍ଜିତ ଯୋଗଦେଇ ମହୋତ୍ସବ ସମସ୍ତଙ୍କୁ ଗୋଟିଏ ସୂତାରେ ବାନ୍ଧି ହେବାର ମାଧ୍ୟମ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ନୀଳଗିରି ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକ ପୋଲିସ ପ୍ରତି ବନ୍ଧୁତ୍ୱ ମନୋଭାବ ରହିଲେ ସମାଜ ଶୃଙ୍ଖଳିତ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଔପଦା ବିଡିଓ ସୁଶ୍ରୀ ଶାଶ୍ୱତି ସାଡୁଆଳ, ଔପଦା ଥାନା ଅଧିକାରୀ ପ୍ରମୋଦ କୁମାର ଦାସ, ଔପଦା ପଞ୍ଚାୟତ ସମିତି ଅଧ୍ୟକ୍ଷା ବିସିବିହ୍ୱା ପାତ୍ର, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ମମତାରାଣୀ ମହନ୍ତ, ୧ ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ମୁନି ସିଂ, ମହୋତ୍ସବ କମିଟିର ପରାମର୍ଶଦାତା ଚିନ୍ତାମଣି ବେହେରା, କମିଟି ସମ୍ପାଦକ ନରହରି ନାୟକ ପ୍ରମୁଖ ମଞ୍ଚାସୀନ ଅତିଥିମାନେ ବକ୍ତବ୍ୟ ରଖିଥିଲେ। କମିଟି ସଭ୍ୟ ସଂଗ୍ରାମ କୁମାର ରାଉତ, ଜୟଶ୍ରୀ ବେହେରା ଅତିଥି ପରିଚୟ, ଉପଦେଷ୍ଟା ନିରଞ୍ଜନ ପ୍ରସାଦ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ସଭ୍ୟ ସତ୍ୟରଞ୍ଜନ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଗୋଚାଲାଣ ରୋକିବାକୁ ସ୍ମାରକପତ୍ର

**ପରିବହନ ପ୍ରାଧିକରଣ କମିଶନରଙ୍କୁ ଭେଟିଲା ଗୋସୁରକ୍ଷା ସମିତି**


କମିଶନରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ବାଲେଶ୍ୱର, ୭।୩(ବାଞ୍ଛାନିଧି ଦେ):**

ସମଗ୍ର ଓଡ଼ିଶାରେ ବେଆଇନ ଭାବେ ଅବାଧ ଗୋଚାଲାଣ ଚାଲିଛି। ଏହା ଉପରେ ରୋକ ଲଗାଇବା ପାଇଁ ବିଧିବଦ୍ଧ ଆଇନ ଥିବା ସତ୍ତ୍ୱେ ଏହା କାର୍ଯ୍ୟକାରୀ ହେଉନାହିଁ। ଅପରପକ୍ଷରେ ଗୋଚାଲାଣକାରୀମାନେ ପିକ୍‌ଅପ୍ ଭ୍ୟାନଗୁଡ଼ିକୁ ସେମାନଙ୍କ ସୁହାଇଲା ଭଳି ଲମ୍ବ ଓ ଉଚ୍ଚତା ବୃଦ୍ଧି କରି ଡାଲା ସବୁ ତିଆରି କରୁଛନ୍ତି। ତାହା ପରିବହନ ପାଇଁ ଅନୁମତି ଯୋଗ୍ୟ ନ ଥିଲେ ସୁଦ୍ଧା ବିଭାଗ ପକ୍ଷରୁ ସେସବୁର ଧରପଗଡ଼ ହେଉନାହିଁ। ବିଶେଷ କରି ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ବାଲେଶ୍ୱର ଜିଲାରେ ଗାଁଠାରୁ ଜାତୀୟ ରାଜପଥମାନଙ୍କରେ ଏହିଭଳି ଶତାଧିକ ପିକ୍‌ଅପ୍ ଭ୍ୟାନ ଦ୍ରୁତଗତିରେ ଏବଂ ବେପରୁଆ ଭାବେ ଯାତାୟାତ ହେଉଛି। ଯାହାଦ୍ୱାରା ଅଧିକାଂଶ ସମୟରେ ମର୍ମନ୍ତୁଦ ଦୁର୍ଘଟଣାମାନ ଘଟୁଛି। ଯେଉଁଠି ବେଆଇନ ଗୋଚାଲାଣ ଭ୍ୟାନ ଧରାପଡୁଛି ଅଥବା ଦୁର୍ଘଟଣାଗ୍ରସ୍ତ ହେଉଛି, ଦୁର୍ଘଟଣା ଭିଆଇଥିବା ପିକ୍‌ଅପଗୁଡ଼ିକର ଡାଲା ମାନ୍ୟତା ଯୋଗ୍ୟ ନ ଥିବା ଦେଖିବାକୁ ମିଳୁଛି। ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗୁରୁବାର ବାଲେଶ୍ୱରର ଗୋସେବା ଓ ସୁରକ୍ଷା ସମିତି ପକ୍ଷରୁ ଏକ ପ୍ରତିନିଧି ଦଳ କଟକସ୍ଥିତ ରାଜ୍ୟ ପରିବହନ ପ୍ରାଧିକରଣ କମିଶନର ଓ ଚେୟାରମ୍ୟାନ ଅମିତାଭ ଠାକୁରଙ୍କୁ ଗୁରୁବାର ମଧ୍ୟାହ୍ନରେ ଭେଟି ଆଲୋଚନା କରିଛନ୍ତି। ଆବାହକ ମାନସ ଦାସ, ସୂର୍ଯ୍ୟନାରାୟଣ ସାହୁ ଓ ନିହାର ରଞ୍ଜନ ବେହେରା ପ୍ରମୁଖ ଗୋ ସୁରକ୍ଷା ସମିତି ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଠାକୁର ଏହାର ଗୁରୁତ୍ୱକୁ ଅନୁଭବ କରି ଏଭଳି ପିକ୍‌ଅପ ଭ୍ୟାନ ମାଲିକମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଧିକାରୀମାନଙ୍କୁ ତୁରନ୍ତ ନିର୍ଦ୍ଦେଶ ଦିଆଯିବ ବୋଲି କହିଥିଲେ। ବେଆଇନ ଗୋଚାଲାଣ ହେଉଥିବା ଭ୍ୟାନ୍, ମାଲିକ ଓ ଡ୍ରାଇଭରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୋସେବା ଓ ସମିତି ପକ୍ଷରୁ ଦାବି କରାଯାଇଛି।

## ରଣ ଭାର ସହି ନ ପାରି ରାଜମିସ୍ତ୍ରିଙ୍କ ଆତ୍ମହତ୍ୟା

**ସୋର, ୭।୩(ଜନ୍ମେଜୟ ମିଶ୍ର):**

ବାଲେଶ୍ୱର ଜିଲା ସୋର ଥାନା ମୁକ୍ତେଶ୍ୱରପୁର ଗ୍ରାମରେ ଜଣେ ଯୁବକ ରଣ ଭାର ସହି ନ ପାରି ଆତ୍ମହତ୍ୟା କରିଛନ୍ତି। ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ଭଗବାନ ଦାସ ୨ ବର୍ଷ ହେବ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ଫଳରେ କାମ ଧନ୍ଦା କରି ନ ପାରି ରଣଗ୍ରସ୍ତ ହୋଇପଡ଼ିଥିଲେ। ସେ ମାନସିକ ଭାରସାମ୍ୟ ହରାଇ ଗୁରବାର ରାତିରେ ଘର ପଛପଟେ ଥିବା ଆମ୍ବ ଗଛରେ ବେକରେ ଗାମୁଛା ବାନ୍ଧି ଝୁଲି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ସେଠାରେ ଝୁଲୁଥିବା ଅବସ୍ଥାରେ ଦେଖି ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପିସିସି ସଦସ୍ୟ ବିକାଶଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

**ବାଲେଶ୍ୱର, ୭।୩(ବାଞ୍ଛାନିଧି ଦେ):**


ସ୍ମୃତିସଭାରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

ବାଲେଶ୍ୱର ଜିଲା କଂଗ୍ରେସ କମିଟିର ମିଡ଼ିଆ ସେଲ ସଂଯୋଜକ ତଥା ପିସିସି ସଦସ୍ୟ ବିକାଶ ଦାସ(୫୪)ଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ସଦର ବ୍ଲକ ଶାସଙ୍ଗ ପଞ୍ଚାୟତ ଶାସଙ୍ଗ ଗ୍ରାମରେ ତାଙ୍କ ଘର। ତାଙ୍କ ମୃତଦେହକୁ ଏକ ଶୋଭାଯାତ୍ରାରେ ଗୁରୁବାର ଗ୍ରାମ ପରିକ୍ରମା କରାଯାଇ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁତ୍ର ଅଙ୍କିତ ଦାସ ମୁଖାଗ୍ନି ଦେଇଥିଲେ।

ଜିଲା କଂଗ୍ରେସ ଭବନରେ ତାଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ସଞ୍ଜିବ ଗିରି ସଭାପତିତ୍ୱ କରି ସ୍ମୃତିଚାରଣ କରିଥିଲେ। ସେ ପୁରୀ ଶ୍ରୀ ଜଗନ୍ନାଥ ଚେତନା ସଙ୍ଗଠନର ସଦସ୍ୟ, ଜିଲା ଜଗନ୍ନାଥ ସଂସ୍କୃତିର ପ୍ରଚାର କମିଟିର ସଦସ୍ୟ, ଚାଷୀ ମୂଲିଆ ସଂଘର ଜିଲା ସଭାପତି, ଶ୍ରମିକ ସଙ୍ଗଠନ ଆଇଏନ୍‌ଟିୟୁସି ଯୁବ ଶାଖା ସଭାପତି ସମେତ ବହୁ ସାମାଜିକ ସଙ୍ଗଠନ ଓ ଅନୁଷ୍ଠାନ ସହ ଜଡ଼ିତ ହୋଇପାରିଥିଲେ। ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚଣ୍ଡ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ବରିଷ୍ଠ କଂଗ୍ରେସ ନେତା ସତ୍ୟସୁନ୍ଦର ଦାସ, ନାରୀନେତ୍ରୀ ଅର୍ଚ୍ଚନା ନନ୍ଦୀ, ଜିଲା କଂଗ୍ରେସ ଉପସଭାପତି ଗୋପୀନାଥ ପାଢ଼ୀ, ସିମୁଳିଆ ନିର୍ବାଚନମଣ୍ଡଳୀ ନେତା ହିମାଂଶୁ ବେହେରା, ଯୁବନେତା ସରୋଜ ଲେଙ୍କା, କୃଷ୍ଣ ଗୋପାଳ ପଣ୍ଡା, ସୁଧାଂଶୁ ଶେଖର ଜେନା, ଗୌତମ ସାହୁ, ସତ୍ୟନାରାୟଣ ଗୁପ୍ତା ଓ ଶ୍ରୀକାନ୍ତ ଜେନା ପ୍ରମୁଖ ଦିବଂଗତ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜିଲା ଶ୍ରମ ଦପ୍ତର ପରିସରରେ ଜିଲା ନିର୍ମାଣ ଶ୍ରମିକ ସଂଘ ସମୂହ ସମନ୍ୱୟ ସମିତି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଜିଲା ଶ୍ରମ ଅଧିକାରୀ ସଞ୍ଜୟ କେଶରୀ ପ୍ରଧାନଙ୍କ ସମେତ ବହୁ ଶ୍ରମିକ ସଙ୍ଗଠନ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

**ସୋର, ୭।୩(ଜନ୍ମେଜୟ ମିଶ୍ର):**

ସୋର ବ୍ଲକ ଅଧୀନ ଭଜଗୋବିନ୍ଦ ଉଚ୍ଚ ବିଦ୍ୟାଳୟ, ସରଶଙ୍ଖର ପ୍ରଧାନ ଶିକ୍ଷକ ପ୍ରଭାକର ପଣ୍ଡାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନୂତନ କରି ଦାୟିତ୍ୱ ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ଗୌରୀଶଙ୍କର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସରଶଙ୍ଖ ସରପଞ୍ଚ କରୁଣାକର ଖୁଣ୍ଟିଆ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକଙ୍କର ବିଦ୍ୟାଳୟ ପ୍ରତି ଅବଦାନ ସମ୍ପର୍କରେ ବକ୍ତବ୍ୟ ଦେବା ସହ ତାଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟବକ୍ତା ଭାବେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁରଲୀଧର ପଣ୍ଡା, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ସବିତା ଘୋଷ, କମିଟି ସଭାପତି ହରିହର ଯେନା ଏବଂ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଦେବେନ୍ଦ୍ର ପାଣି ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ କୈଳାସ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ୮ ଦିନ ହେଲା ପଡ଼ିରହିଛି ୨୪ ଚାଷୀଙ୍କ ୫୩୬ କ୍ୱିଣ୍ଟାଲ ଧାନ

**ଖଇରା, ୭।୩(ଉତ୍କଳବନ୍ଧୁ ପଣ୍ଡା):**


ଖଇରା ସମିତି ସମ୍ମୁଖରେ ପଡିରହିଥିବା ଚାଷୀଙ୍କ ଧାନ।

ବାଲେଶ୍ୱର ଜିଲା ଅଧୀନ ଖଇରା ସେବା ସମବାୟ ସମିତି ଟାର୍ଗେଟ ସମସ୍ୟାକୁ ନେଇ ଧାନକିଣା ବନ୍ଦ ରହିଛି । ଗତ ୮ଦିନ ଧରି ୨୪ଜଣ ଚାଷୀଙ୍କର ୫୩୬ କୁଇଣ୍ଟାଲ ଧାନ ପଡିରହିଥିବା ବେଳେ ବର୍ଷା କାକରରେ ଧାନ ଭିଜୁଥିବା ଯୋଗୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜିଲା ଯୋଗାଣ ବିଭାଗ ତୁରନ୍ତ ସେମାନଙ୍କ ଧାନକିଣିବାର ବ୍ୟବସ୍ଥା ନ କଲେ ୨୪ ଚାଷୀ ଆମରଣ ଅନଶନରେ ବସିବାକୁ ଚେତାବନୀ ଦେଇଛନ୍ତି।

ସରକାର ମାର୍ଚ୍ଚ ମାସ ଶେଷ ପର୍ଯ୍ୟନ୍ତ ଧାନ କିଣିବାକୁ ଘୋଷଣା କରିଥିଲେ। ହେଲେ ଖଇରା ସମବାୟ ସମିତିରେ ୮ଦିନ ତଳେ ହଠାତ୍ ଧାନକିଣା ବନ୍ଦ କରି ଦିଆଯିବା ପରେ ସମିତିରେ ୨୪ଜଣ ଚାଷୀଙ୍କର ୫୩୬ କୁଇଣ୍ଟାଲ ଧାନ ଉଠିପାରୁନି । ଷଣ୍ଢ ତଥା ଚୋରଙ୍କ ଉତ୍ପାତକୁ ଆଖି ଆଗରେ ରଖି ଉପରୋକ୍ତ ଚାଷୀମାନେ ରାତି ଅନିଦ୍ରା ହୋଇ ଧାନ ଜଗିବାକୁ ବାଧ୍ୟ ହେଉଛନ୍ତି। ଏ ସମ୍ପର୍କରେ ସମିତି ସମ୍ପାଦକ ଶ୍ରୀକାନ୍ତ ପଲେଇଙ୍କୁ ପଚାରିବାରେ ୫ଶହ କୁଇଣ୍ଟାଲ ଟାର୍ଗେଟ ପାଇଁ ଜିଲା ଯୋଗାଣ ବିଭାଗକୁ ଅବଗତ କରାଯାଇଥିଲେ ହେଁ ମାତ୍ର ୩ଶହ କୁଇଣ୍ଟାଲର ଟାର୍ଗେଟ ମିଳିଛି। ବାକି ଟାର୍ଗେଟ ନ ଆସିବା କିଛି ଚାଷୀଙ୍କ ଧାନ କିଣାଯାଇ ପାରୁ ନ ଥିବା କହିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲା ଯୋଗାଣ ବିଭାଗ ଅଧିକାରୀ ହିମାଂଶୁ ସାହୁଙ୍କୁ ଯୋଗାଯୋଗ କରିବାରେ ସବୁ ସମିତିରୁ ଏଭଳି ଦାବି ଆସୁଛି ଏବଂ ସମସ୍ତଙ୍କୁ କିଛି କିଛି ଟାର୍ଗେଟ ଦିଆଯାଉଛି । ଖଇରା ସମିତିରେ ଆବଶ୍ୟକତା ଅନୁସାରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଶେଷ ଦିନରେ ୨୩ ନାମାଙ୍କନପତ୍ର ଦାଖଲ

**କରଞ୍ଜିଆ ବାର ଆସୋସିଏସନର ନିର୍ବାଚନ**

**କରଞ୍ଜିଆ, ୭।୩(କବିତା ମହାନ୍ତ):**

ରାଜ୍ୟ ବାର କାଉନସିଲର ନିର୍ଦ୍ଦେଶ ଅନୁଯାୟୀ କରଞ୍ଜିଆ ବାର୍ ଆସୋସିଏସନ ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲର ଶେଷ ଦିନରେ ଶୁକ୍ରବାର ମୋଟ ୨୩ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ତ୍ରିଲୋଚନ ପତି ଅପରାହ୍ଣର ଏକ ଖବରଦତା ସମ୍ମିଳନୀରେ ନିର୍ବାଚନ ସମ୍ପର୍କିତ ନୀତି ନିୟମ ଓ ଆଚରଣବିଧି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆସନ୍ତା ୨୯ ତାରିଖରେ ନିର୍ବାଚନ ହେବା ପରିପ୍ରେକ୍ଷୀରେ ଶୁକ୍ରବାର ନାମାଙ୍କନପତ୍ର ଦାଖଲର ଶେଷ ଦିନ ଥିଲା। ଆସନ୍ତା ୯ ତାରିଖରେ ଯାଞ୍ଚ, ୧୨ରେ ନାମାଙ୍କନପତ୍ର ପ୍ରତ୍ୟାହାର ଓ ୧୩ ତାରିଖରେ ବୃତ୍ତାନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ୨୯ ତାରିଖରେ ଭୋଟ ଗ୍ରହଣ ଓ ଅପରାହ୍ନ ୪ଟାରେ ଗଣତି କରାଯିବ ବୋଲି ନିର୍ବାଚନ ଅଧିକାରୀ ଆଡଭୋକେଟ ପତି ପ୍ରକାଶ କରିଛନ୍ତି। ଶୁକ୍ରବାର ସୁଦ୍ଧା ଦାଖଲ କରାଯାଇଥିବା ପ୍ରାର୍ଥୀମାନଙ୍କ ନାମ ଓ ପଦବୀ ଆଡଭୋକେଟ ପତି ଘୋଷଣା ମଧ୍ୟ କରିଛନ୍ତି । ସଭାପତି ପଦବୀ ପାଇଁ ଦୀପକ କୁମାର ଦାସ ଅଧିକାରୀ, ମନୋଜ ମହାନ୍ତି ଓ ମଦନ ମହାନ୍ତ, ଉପସଭାପତି ପାଇଁ ମହମ୍ମଦ ଅମିରୁଲ ହୁସେନ, ଦୀନକୃଷ୍ଣ ନାୟକ, ଗୌରାଙ୍ଗ ଚନ୍ଦ୍ର ବାରିକ ଓ ମନୋଜ କୁମାର ମହାନ୍ତ, ସମ୍ପାଦକ ପାଇଁ ସରୋଜ କୁମାର ରାଉଳ, ଦିବ୍ୟ ପ୍ରସାଦ ସାହୁ ଓ ବାବୁରାମ ବେଶ୍ରା, ସହ ସମ୍ପାଦକ ଭାବେ ମହମ୍ମଦ ଫିରୋଜ, ସପନ କୁମାର ଶଥପଥୀ , ପିପୁନ ସାହୁ, କୋଷାଧ୍ୟକ୍ଷ ଭାବେ ପିପୁନ ସାହୁ ଓ ବିଶ୍ୱଜିତ ସାହୁ, କାର୍ଯ୍ୟକାରୀ ସଭ୍ୟ ଭାବେ ସୁବର୍ଣ୍ଣ ଧୂଙ୍ଗିଆ, କାହ୍ନୁଚରଣ ଗିରି, ସୁଧାଂଶୁ ପାତ୍ର, ଜିତେନ୍ଦ୍ର ବାରିକ, ସଂଗ୍ରାମ କୁମାର ନାୟକ, ତ୍ରିଶୂଳ କୁମାର ମହାନ୍ତ, ବିଶ୍ୱଜିତ ସାହୁ, ଅଶୋକ କୁ ସାହୁ ପ୍ରାର୍ଥିପତ୍ର ଦାଖଲ କରିଥିବା ସେ ସୂଚନା ଦେଇଛନ୍ତି।

# 'ଠିକ୍ ମାର୍ଗ ଚୟନ ଭବିଷ୍ୟତକୁ ଉଜ୍ଜ୍ୱଳ କରିଥାଏ'



ବାର୍ଷିକ ଉତ୍ସବରେ ଉପସ୍ଥିତ ଉପଜିଲାପାଳ ଓ ଅନ୍ୟମାନେ।

## ଦହପାଣିଆ ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ

ତିହିଡି, ୭।୩ (ସଞ୍ଜିତ ବଳ)

ତିହିଡି଼ ବ୍ଲକ ବାରୋ ପଞ୍ଚାୟତ ଅଧୀନ ଦହପାଣିଆ ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ଅପରାହ୍ନ ୫ଟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭଦ୍ରକ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଠିକ୍ ମାର୍ଗ ଚୟନ କଲେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜଳ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ମଙ୍ଗଳ ଅଧିକାରୀ ସାଲୁ କୁମାର ଟୁଡୁ, ଅନ୍ୟତମ ଅତିଥି ଭାବେ ସରପଞ୍ଚ ଉଦ୍ଧବ ଚରଣ ନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୌମ୍ୟା ସୁଚରିତା ମହାନ୍ତି, କାଁପଡ଼ା ବାସୁଳି କମିଟି ସଭାପତି ପଦ୍ମଲୋଚନ ମଲିକ, ସିଆର୍‌ସିସି ଶନିଶ୍ଚର ମହାଳିକ, ଜିଲା ମୋହରିର ସଂଘ ସମ୍ପାଦକ ରାମଚନ୍ଦ୍ର ନାୟକ, ରମାକାନ୍ତ ମଳିକ ପ୍ରମୁଖ ଯୋଗଦେଇ ଅଭିଭାବକ ଓ ଶିକ୍ଷକମାନଙ୍କ ମିଳିତ ଉଦ୍ୟମ ରହିଲେ ଛାତ୍ରୀଛାତ୍ରମାନେ ପାରଦର୍ଶିତା ଲଭିପାରିବେ ବୋଲି କହିଥିଲେ। ପ୍ରଧାନଶିକ୍ଷକ ସନତ କୁମାର ବେହେରା ଉତ୍ସବରେ ପୌରୋହିତ୍ୟ କରିଥିଲେ। ଏହି ଅବସରରେ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀମାନେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ସହକାରୀ ଶିକ୍ଷକ ଡ. କାଳୀପଦ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଶଶୀକାନ୍ତ ପଣ୍ଡା, କ୍ଷୀରାବ୍ଧୀ ମାଝୀ, ଅଜିତ ପରିମାଣିକ, ସସ୍ମିତା ସାହୁ, ବସନ୍ତ କୁମାର ଗାଗୁରାଇ, ଦେବୀଦତ୍ତା ଦାସ, ତୃପ୍ତିମୟୀ ବେହେରା, ମନୋରଞ୍ଜନ ମହାନ୍ତ, ଶାନ୍ତିଲତା ସାମଲ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଇନ ସଚେତନତା କର୍ମଶାଳା



ଚୁଡ଼ାମଣି ସାମୁଦ୍ରିକ ଥାନାରେ ଲାଇଫ୍ ଜ୍ୟାକେଟ ପ୍ରଦାନ କରାଯାଇଛି।

## ମତ୍ସ୍ୟଜୀବୀଙ୍କୁ ଲାଇଫ୍ ଜ୍ୟାକେଟ ବଣ୍ଟନ

ବାସୁଦେବପୁର,୭।୩ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର, ଚୁଡ଼ାମଣି ଓ କଷିଆ ସାମୁଦ୍ରିକ ଥାନାରେ ନୂତନ ଆଇନ ସମ୍ପର୍କୀତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବାସୁଦେବପୁର ଥାନାରେ ଆୟୋଜିତ କର୍ମଶାଳାରେ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଯୋଗଦେଇ ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଆଇଆଇସି ଲୋପାମୁଦ୍ରା ନାୟକ, ସରକାରୀ ଓକିଲ ବସନ୍ତ ବାରିକ, ନିରଜ କୁମାର ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେହିପରି ଚୁଡ଼ାମଣି ସାମୁଦ୍ରିକ ଥାନାରେ ଆଇନଜୀବୀ ବିକ୍ରମ କେଶରୀ ମହାନ୍ତି ଯୋଗଦେଇଥିଲେ। ଚୁଡ଼ାମଣି ସରପଞ୍ଚ ଅଗଣି ପ୍ରସାଦ ଜେନା, ଆଇଆଇସି ବନାନୀ ବେହେରା, ମତ୍ସ୍ୟଜୀବୀ ସଂଘ ସମ୍ପାଦକ ଶଶିକାନ୍ତ ନାୟକ, ଶରତ ମଳିକ, ରମାକାନ୍ତ ମଳିକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

ଏହି ଅବସରରେ ବୋଟ୍ ମାଲିକ, କର୍ମଚାରୀଙ୍କୁ ଲାଇଫ୍ ଜ୍ୟାକେଟ ପ୍ରଦାନ କରାଯାଇଥିଲା। କଷିଆ ସାମୁଦ୍ରିକ ଥାନାରେ ଅନୁଷ୍ଠିତ କର୍ମଶାଳାରେ ଆଇନଜୀବୀ ସହଦେବ ଦାଶଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବି ଅଂଶ ଗ୍ରହଣ କରିଥିଲେ।

# କୀର୍ତ୍ତନ ମଣ୍ଡପ ପ୍ରତିଷ୍ଠା ଉତ୍ସବ



ଗ.........

ଭଣ୍ଡାରିପୋଖରୀ, ୭।୩ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ଚତୁର୍ଭୁଜପୁର ଗ୍ରାମରେ ନବ ନିର୍ମିତ କୀର୍ତ୍ତନ ମଣ୍ଡପ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ବହୁ ସଂଖ୍ୟକ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ଆସି ବୈତରଣୀ ନଦୀରୁ ଘଟ ଉତ୍ତୋଳନ କରି ଭାଗବତ ମଣ୍ଡପଠାରେ ପହଞ୍ଚିଥିଲେ। ଘଟ ସ୍ଥାପନ ପରେ ସୂର୍ଯ୍ୟ ପୂଜା, ନାମଯଜ୍ଞ, ଅଗ୍ନି ସ୍ଥାପନ କରାଯାଇ ପୂଜାବିଧି ସମାପନ କରାଯାଇଥିଲା। କର୍ତ୍ତା ଭାବେ ମାନସୀ ପରିଡ଼ା, ଉମାକାନ୍ତ ପରିଡ଼ା, ଗୀତାରାଣୀ ପରିଡ଼ା, ଦୁଃଶାସନ ପରିଡ଼ା, ପୂଜକ ଭାବେ ନାରାୟଣ ପତି, ମିଳନ ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଉତ୍ସବରେ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତ ସାମଲ, କଂଗ୍ରେସ ନେତା ସୁବ୍ରତ ଦାସ, ଭାଜପା ନେତା ବଦ୍ରିନାରାୟଣ ଧଳ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ସରପଞ୍ଚ ମିନତୀ ପରିଡ଼ା, ସମିତି ସଭ୍ୟା ରୀତାଞ୍ଜଳି ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଅଦ୍ୱୈତ୍ୟ ପରିଡ଼ା, ପ୍ରସନ୍ନ ପରିଡ଼ା, ଭାଗିରଥି ପରିଡ଼ା, ଦେବୁ ପରିଡ଼ା, କୁନା ପରିଡ଼ା, ଆକାଶ ପରିଡ଼ା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ଆକ୍ରମଣକାରୀ ଗିରଫ

ସାବରଙ୍ଗ, ୭।୩ (କଳିପଦ ରାୟ)

ଭଦ୍ରକ ସଦର ବ୍ଲକ ସାବରଙ୍ଗ ଗ୍ରାମର କିଶୋର ସାମନ୍ତଙ୍କୁ ଗୁରୁବାର ସନ୍ଧ୍ୟାରେ ସେହି ଗ୍ରାମର ସୁରେନ୍ଦ୍ର ଖୁଣ୍ଟିଆ ଛୁରିରେ ଆକ୍ରମଣ କରିଥିଲେ। କିଶୋରଙ୍କ ଘର ସାମ୍ନାରେ ଅଭିଯୁକ୍ତ ସୁରେନ୍ଦ୍ର ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରୁଥିଲେ। କିଶୋର ପ୍ରତିବାଦ କରିବାରୁ ସୁରେନ୍ଦ୍ର ପାଖରେ ରଖିଥିବା ଏକ ଛୁରିରେ ତାଙ୍କ ଅଣ୍ଟାକୁ ଭୁଷି ଦେଇଥିବା ସାବରଙ୍ଗ ଥାନାରେ ଅଭିଯୋଗ ହୋଇଥିଲା। ଥାନାଧିକାରୀ ଉମାଶଙ୍କର ନାୟକ ଅଭିଯୁକ୍ତ ସୁରେନ୍ଦ୍ରଙ୍କୁ ଶୁକ୍ରବାର ଗିରଫ ପରେ କୋର୍ଟ ଚାଲାଣ କରିଛନ୍ତି।



ମଞ୍ଚରେ ଛାତ୍ରୀମାନେ ସ୍ୱାଗତ ନୃତ୍ୟ ପରିବେଷଣ କରୁଛନ୍ତି।

# 'କଠୋର ପରିଶ୍ରମ ସଫଳତା ଆଣିଦିଏ'

ବନ୍ତ,୭।୩ (ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ୍ ନିଳୋକସ୍ଥିତ ହରିହର ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ନିରାକର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ବିଆରସିସି ହରେକୃଷ୍ଣ ଆପଟ୍ଟ, ମୁଖ୍ୟ ବକ୍ତା ବେଗନା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ବାରିକ, ସମ୍ମାନିତ ଅତିଥି ପ୍ରଧାନ ଶିକ୍ଷକ ବଟକୃଷ୍ଣ ସେଠୀ, ସିଆରସିସି ରାଜେନ୍ଦ୍ର ପାତ୍ର, ସରପଞ୍ଚ ରଜନୀ ସେଠୀ, ସମିତିସଭ୍ୟ ଉଦ୍ଧବ ଚରଣ ସେଠୀ, ନିଳୋକ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ଜେନା, ଅବସରପ୍ରାପ୍ତ ଶିକ୍ଷକ ହୃଷିକେଶ ବାରିକ, ଅବସରପ୍ରାପ୍ତ ସିଆରସିସି ଦୀନବନ୍ଧୁ ରାଉତ, ପରିଚାଳନା କମିଟିର ସଭାପତି କହ୍ନେଇ ଚରଣ ସାହୁ ଯୋଗ ଦେଇ କଠୋର ପରିଶ୍ରମ ବଳରେ ସଫଳତା ଆଣିଦିଏ। ଛାତ୍ରୀଛାତ୍ର କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଶେଷଦେବ ଜେନାଙ୍କ ମଞ୍ଚ ସଂଯୋଜନା, ଶିକ୍ଷକ ନିତ୍ୟାନନ୍ଦ ସେଠୀ ଅତିଥି ପରିଚୟ ଓ ଶିକ୍ଷକ ସୁରେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇଥିଲା। ସେହିପରି ୧ମରୁ ୮ମ ଶ୍ରେଣୀର ପ୍ରଥମ ଗଠନ ମୂଳକ ପରୀକ୍ଷାରେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ରତିକାନ୍ତ ନାୟକ, ଶିକ୍ଷୟିତ୍ରୀ ରାଧାରାଣୀ ସେଠୀ, ମିନତୀ ହେମ୍ବ୍ରମଙ୍କ ସମେତ ପରିଚାଳନା କମିଟିର ସଭ୍ୟାସଭ୍ୟ ସହଯୋଗ କରିଥିଲେ।

# ଆଇନଜୀବୀଙ୍କୁ କାରଣ ଦର୍ଶାଅ ନୋଟିସ

କଟକ,୭।୩(କାର୍ତ୍ତିକ ସାହୁ)

## ବିଚାରପତିଙ୍କ ବିରୋଧରେ ଅରୁଚିକର ମନ୍ତବ୍ୟ ପ୍ରଚାର ପ୍ରସଙ୍ଗ

ନ୍ୟାୟପାଳିକା ତଥା ବିଚାରପତିମାନଙ୍କ ବିରୋଧରେ ଅଶାଳୀନ, ଅରୁଚିକର ଏବଂ ଭିତ୍ତିହୀନ ମନ୍ତବ୍ୟ ସାମାଜିକ ଗଣମାଧ୍ୟମରେ ପ୍ରଚାର ପ୍ରସାର କରିଥିବା ଆଇନଜୀବୀ ହେମନ୍ତ କୁମାର ନାୟକଙ୍କୁ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଶୁକ୍ରବାର ଜାରି କରାଯାଇଛି। ତାଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେନେଇ ୧୫ ଦିନ ମଧ୍ୟରେ ଜବାବ ରଖିବାକୁ ତାଙ୍କୁ ନୋଟିସ୍‌ରେ କୁହାଯାଇଛି। ପ୍ରକାଶ ଯେ, ଭଦ୍ରକ ସହରର ଆଇନଜୀବୀ ହେମନ୍ତ କୁମାର ନାୟକ ଆଇନ ପେଷା ନିମନ୍ତେ ଉଦ୍ଦିଷ୍ଟ ବୃତ୍ତିଗତ ଅଧିନିୟମର ବିରୁଦ୍ଧାଚରଣ କରି ନ୍ୟାୟପାଳିକା ତଥା ବିଚାରପତିମାନଙ୍କ ବିରୋଧରେ ଅରୁଚିକର, ଅଶାଳୀନ, ଅସ୍ପୃହଣୀୟ ଓ ଭିତ୍ତିହୀନ ମନ୍ତବ୍ୟ ସାମାଜିକ ଗଣମାଧ୍ୟମରେ ପ୍ରଚାର ପ୍ରସାର କରିଛନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ ଏବଂ ଆଇନଜୀବୀଙ୍କ ନିମନ୍ତେ ଉଦ୍ଦିଷ୍ଟ ବୃତ୍ତିଗତ ଅଧିନିୟମର ଉଲ୍ଲଂଘନ ବୋଲି ବିବେଚନା କରି ରାଜ୍ୟ ଆଇନଜୀବୀ ପରିଷଦ ନିଜ ଆଡୁ ହସ୍ତକ୍ଷେପ କରିଛି। ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଏହାକୁ ଅତ୍ୟନ୍ତ ଗୁରୁତର ଭାବରେ ଗ୍ରହଣ କରିଛନ୍ତି। ଦୃଢ଼ ତଥା ଦୃଷ୍ଟାନ୍ତମୂଳକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପୂର୍ବକ ସମ୍ପୃକ୍ତ ଆଇନଜୀବୀଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।

# ନାଟ୍ୟ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ

ଚାନ୍ଦବାଲି,୭।୩ (ରତିକାନ୍ତ ବାରିକ)

ବାବା ଗୋପାଳେଶ୍ୱର ନାଟ୍ୟ ପରିବାର ଆନୁକୂଲ୍ୟରେ ଚାନ୍ଦବାଲି ବ୍ଲକ୍ ଗୋପାଳପୁର ମହାଦେବ ମଣ୍ଡପରେ ତିନିଦିନ ବ୍ୟାପୀ ଚାଲିଥିବା ନାଟକୋତ୍ସବ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଛି। ଉତ୍ସବ ପ୍ରାରମ୍ଭ ପର୍ବରେ ନାଟ୍ୟକାର ବ୍ରହ୍ମାନନ୍ଦ ନାୟକ, ରାଧାଶ୍ୟାମ ମିଶ୍ର, ପୟୋଧର ସାହୁ ଓ ବାଇନ ମହାଳିକଙ୍କୁ ନିଜର ନାଟ୍ୟ ପ୍ରତିଭା ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଇଂ. ମିଶ୍ରଙ୍କ ନିର୍ଦ୍ଦେଶିତ 'ହାଏ କୃଷ୍ଣ ବୋଲି ଯାଉ ମୋ ଜୀବ', 'ଏତେ ଦୁଃଖ ଦେଲୁ କାହିଁ ଦଇବ' ଓ 'ବାବୁ ମୁଠେ ଭିକ ଦିଅ' ଆଦି ନାଟକ ମଞ୍ଚସ୍ଥ ହୋଇଥିଲା। ନାଟ୍ୟ ପରିବାର ପକ୍ଷରୁ ଅନୁଷ୍ଠାନର ସଭାପତି ରଜନୀକାନ୍ତ ନାୟକ, ଉପ ସଭାପତି ଅଂଶୁମାନ ଦାସ, କୋଷାଧ୍ୟକ୍ଷ ଅଜିତ ନାୟକ, ପ୍ରତାପ ବାରିକ, ପ୍ରଦୀପ ବାରିକ୍, ଶକ୍ତିକାନ୍ତ ନାୟକ, ଭବାନୀ ଶଙ୍କର ନାୟକ, ସୁଧି ରଞ୍ଜନ ବାରିକ, ଆକାଶ ବାରିକ, ପ୍ରଫୁଲ୍ଲ ସାହୁ, ଚନ୍ଦ୍ରକାନ୍ତ ବାରିକ, ସନ୍ତୋଷ ଦାସ, ଅବିନାଶ ବାରିକ, ସୁଦୀପ୍ତ ନାୟକ, ସୁକାନ୍ତ ବାରିକ ଓ ଅର୍ଜୁନ ମହାଳିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଲେ ମହିଳା

ଭଦ୍ରକ,୭।୩(ସନାତନ ରାଉତ)

## ଜିଲାପାଳ ଓ ବିଡିଓଙ୍କୁ ଫେରାଦ

ଭଦ୍ରକ ଜିଲା ବନ୍ତ ବ୍ଲକ ଆଡ଼ଅା ପଞ୍ଚାୟତ ବଧିଗଡିଆ ଗ୍ରମର ମାଳତୀ ସେଠୀ ସୁଭଦ୍ରା ଯୋଜନାରୁ ବାଦ ପଡ଼ିଥିବା ନେଇ ଶୁକ୍ରବାର ଜିଲାପାଳ ଓ ବନ୍ତ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ସୁଭଦ୍ରା ଯୋଜନାରେ ତାଙ୍କ ନାମ ଅର୍ନ୍ତଭୂକ୍ତ ପାଇଁ ସେ ୨୦୨୪ ସେପ୍ଟେମ୍ବର ମାସରେ ଅନଲାଇନରେ ଆବେଦନ କରିଥିଲେ। ତାଙ୍କ ସ୍ୱାମୀ ଚାକିରିରୁ ଅବସର ପରେ କୌଣସି ପେନସନ ପାଉ ନ ଥିବା ବେଳେ ପଞ୍ଚାୟତସ୍ତରୀୟ ତଦନ୍ତରେ ତାଙ୍କ ସ୍ୱାମୀ ପେନସନ ପାଉଥିବା ଦର୍ଶାଇ ତାଙ୍କ ନାମ ଯୋଜନାରୁ ବାଦ୍ ଦିଆଯାଇଛି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ସତ୍ୟାସତ୍ୟ ତଦନ୍ତ କରାଯାଇ ତାଙ୍କୁ ଯୋଜନାରେ ସାମିଲ କରିବା ପାଇଁ ସେ ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ନିଶିକାନ୍ତ ଖୁଣ୍ଟିଆଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିବା ବେଳେ ଡାକ ଯୋଗେ ଜିଲାପାଳଙ୍କ ନିକଟକୁ ଅଭିଯୋଗ ପତ୍ର ପଠାଇଛନ୍ତି।

# ଭିଆରପିଙ୍କୁ ଠିକ୍ ସମୟରେ ମିଳୁନି କ୍ୟାଶ ରେକର୍ଡ

ତିହିଡି,୭।୩(ସଞ୍ଜିତ ବଳ)

## ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆରଇଜିଏସ୍ ଜନ ଶୁଣାଣି

ଭଦ୍ରକ ଜିଲା ତିହିଡି଼ ବ୍ଲକ୍ କାର୍ଯ୍ୟାଳୟ ପରିସର ନୀଳମଣି ସଭାଗୃହରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ)ର ବ୍ଲକ୍‌ସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚଦଶ ଅର୍ଥ କମିଶନରେ ମିଳିଥିବା ଅନୁଦାନ ୨୦୨୪ ଏପ୍ରିଲ ୧ ତାରିଖରୁ ସେପ୍ଟେମ୍ବର ୩୦ ତାରିଖ ମଧ୍ୟରେ ବିନିଯୋଗ ହୋଇଥିବା ବିଭିନ୍ନ ପ୍ରକଳ୍ପ ଉପରେ ସମୀକ୍ଷା କରାଯାଇଥିଲା। ତେବେ ଭିଲେଜ ରିସୋର୍ସ ପର୍ସନ(ଭିଆରପି)ଙ୍କୁ ଠିକ ସମୟରେ କ୍ୟାଶ ରେକର୍ଡ ମିଳିପାରୁ ନ ଥିବା ନେଇ ସେମାନେ ସୂଚନା ଦେଇଥିଲେ। ତେବେ କ୍ୟାଶ ରେକର୍ଡ ମିଳିବାରେ ବିଳମ୍ବ ହେଲେ ବିଡ଼ିଓଙ୍କୁ ଅବଗତ କରାଇବାକୁ ପରାମର୍ଶ ଦିଆଯାଇଥିଲା।

ଅପରପକ୍ଷେ କ୍ୟାଶ ରେକର୍ଡ ନେଇ କନିଷ୍ଠଯନ୍ତ୍ରୀ (ଜେଇ) ମାନଙ୍କୁ ଦାୟୀ କରାଯିବା ଯୁକ୍ତି ସଙ୍ଗତ ନୁହେଁ ବୋଲି ଜେଇ ଲଲାଟେନ୍ଦୁ ପାଲ ଦର୍ଶାଇଥିଲେ। ବିଡିଓ ନିରଞ୍ଜନ ବାରିକ ଶିବିରରେ ପୌରୋହିତ୍ୟ କରିଥିବା ବେଳେ ଅତିରିକ୍ତ ଉପ ଜିଲାପାଳ ଶ୍ୟାମଳ ରାୟ ଯୋଗଦେଇ ଯୋଜନାର ସଫଳତା ପାଇଁ ସ୍ୱଚ୍ଛତା ସହିତ ପରସ୍ପର ମଧ୍ୟରେ ସହଯୋଗ ରହିବା ଆବଶ୍ୟକ ବୋଲି କହିଥିଲେ। ଜିଲା ସାମାଜିକ ସମୀକ୍ଷକ ଅମର କିଶୋର ସାହୁ, ଏବିଡ଼ିଓ ମାନସ କୁମାର ଜେନା, ବ୍ଲକ୍ ସହକାରୀ ନିର୍ବାହୀଯନ୍ତ୍ରୀ ସୁକାନ୍ତ ମିଶ୍ର, ଜିପିଇଓ ପ୍ଲାବନ ପଣ୍ଡା ପ୍ରମୁଖ ଶିବିରରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏପିଓ କାମିନୀରାଣୀ ଓଝା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ବ୍ଲକ୍ ସାମାଜିକ ସମୀକ୍ଷକ ଇତିଶ୍ରୀ ଦାସ ଯୋଜନାର କାର୍ଯ୍ୟକାରିତା ଉପରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେଇ ଅଲେଖ ତାର୍କୀ, ଏମ୍‌ଜିଏନ୍‌ଆରଇଜିଏସ ସହକାରୀ ସୁଧାଂଶୁ ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଡ. ଅରୁଣ ପଣ୍ଡା, ଦୀନବନ୍ଧୁ ମହାନ୍ତି, ଶାରଦା ବଳ, ରୁନୁଲତା ମଲିକ, ଭିଆରପି କାମିନୀଲତା ପ୍ରିୟଦର୍ଶିନୀ, ସବିତା ବାରିକ, ଇତିଶ୍ରୀ ବେହେରା, ଗୀତାଞ୍ଜଳି ବେହେରା, ପଦ୍ମିନୀ ବେହୁରିଆ, ଝରଣା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପିଏମ୍ ଶ୍ରୀ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ାରେ ୪ଶହ ପ୍ରତିଯୋଗୀ

ବନ୍ତ, ୭।୩ (ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ୍ ସେଣ୍ଠତୀରାସ୍ଥିତ ପିଏମ ଶ୍ରୀ ଜନାର୍ଦ୍ଦନ ସରକାରୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଶୁକ୍ରବାର ସକାଳ ୮ଟା ୩୦ ସମୟରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବରିଷ୍ଠ ବର୍ଗରେ ୨ ଶହ ଓ କନିଷ୍ଠ ବର୍ଗରେ ୨ ଶହ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ର ମଶାଲ ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ। ପରେ କ୍ରୀଡ଼ା ପତାକା ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ ପ୍ରଧାନଶିକ୍ଷକ ଅନନ୍ତ ଚରଣ ନାୟକଙ୍କ ସଭାପତିତ୍ୱରେ ଉଦ୍‌ଘାଟକ ଭାବେ ଶିକ୍ଷାବିତ୍ ରମାକାନ୍ତ ମଲ୍ଲିକ, ମୁଖ୍ୟ ଅତିଥି ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ କିଶୋର ଚନ୍ଦ୍ର ଦାଶ, ସମ୍ମାନିତ ଅତିଥି ଆଲୁମିନି କମିଟିର ସଭାପତି ଅନାଦି ଚରଣ ସେନାପତି, ପରିଚାଳନା କମିଟିର ସଭାପତି ଜ୍ୟୋତି ରଞ୍ଜନ ପୃଷ୍ଟି ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ମନୋଜ ଶଂଖୁଆ ଓ ବିଦ୍ୟାଳୟର ପିଏମ୍ ଶ୍ରୀ ସଂଯୋଜକ ଅବିନାଶ ବାଇଙ୍କ ପରିଚାଳନାରେ ଦୌଡ଼, ଜାଭଲିନ୍ ଥ୍ରୋ, ସଟପୁଟ୍ ଥ୍ରୋ, ଡିସକସ୍, ଲମ୍ୱଡିଆଁ, ଉଚ୍ଚ ଡିଆଁ, ମ୍ୟୁଜିକ୍ ଚେୟାର, ଗଣିତ ଦୌଡ଼ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ପଞ୍ଚାୟତ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଜଗନ୍ନାଥ ଦ୍ୱିବେଦୀ, ବନ୍ତ ବାଳିକା ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଅଜୟ ନାଏକ ଦାୟିତ୍ୱ ତୁଲାଇଥିଲେ। ଶିକ୍ଷୟିତ୍ରୀ ପ୍ରିୟମ୍ୱଦା ରାଉତ, ପଦ୍ମାବତୀ ଧଳ, ସବିତା ସାହୁ, ପ୍ରଭାସିନୀ ବିଶ୍ୱାଳ, ମାନସୀ ସେଠୀ, ସାମ୍ୟଶିଖା ଜେନା, ଶ୍ରୀକାନ୍ତ ପଣ୍ଡା, ଅନ୍ତର୍ଯ୍ୟାମୀ ପାତ୍ର, ଅଭୟ ପ୍ରଧାନ, ପ୍ରଶାନ୍ତ ଶଙ୍ଖୁଆ, ବିଜୟ ସାହୁ, କମଳାକାନ୍ତ ଜେନା, ଦୀପକ ପହି, ଭୈର ମାଝୀଙ୍କ ସମେତ ପରିଚାଳନା କମିଟିର ସଭ୍ୟାସଭ୍ୟ ସହଯୋଗ କରିଥିଲେ। ପ୍ରତିଯୋଗିତା ୩ ଦିନ ଧରି ଚାଲିବ। ପ୍ରକାଶ ଥାଉକି, ଜିଲାରେ ୧୧ ବିଦ୍ୟାଳୟ ପିଏମ୍ ଶ୍ରୀରେ ମନୋନୀତ ହୋଇଥିବା ବେଳେ ଏହି ବ୍ଲକ୍‌ରେ ସେଣ୍ଠତୀରା ଏକମାତ୍ର ପିଏମ ଶ୍ରୀ ବିଦ୍ୟାଳୟ ଭାବେ ମନୋନୀତ ହୋଇଛି। ପ୍ରଥମ କରି ଏଠାରେ ଜିଲାର ଏହି ପ୍ରତିଯୋଗିତା ଆରମ୍ଭ ହୋଇଛି।



ଦୌଡ଼ ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ଭାଗ ନେଉଛନ୍ତି।

